Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 40

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ
# ବଦର
The Weekly BADAR Qadian କାଦିଆନ
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 05 ଅକ୍ଟୋବର୍ 2017 05 ଇଖା 1396 ହି.ଶ 14 ମୋହରମ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ବରାହିନେ ଅହେମଦୀୟାରେ ମୋ ସମ୍ବନ୍ଧରେ ଖୁଦାତାଲାଙ୍କ ପେଶ୍‌ଗୋଇ ଅଛି ଯେ ହତ୍ୟା ଇତ୍ୟାଦି ଯୋଜନାରୁ ମୋତେ ବଂଚାଇ ଦିଆଯିବ । ସୁତରାଂ ଆଜି ପର୍ଯ୍ୟନ୍ତ (ଶତୃଙ୍କ ଦ୍ୱାରା ହୋଇଥିବା) ବାରମ୍ବାର ଆକ୍ରମଣ ସତ୍ତ୍ୱେ ମଧ୍ୟ ଶତୃଙ୍କ ଦୁଷ୍ଟତାରୁ ମତେ ବଂଚାଦିଆଯାଇଅଛି ।**

# ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**୫୨-ବାଉନତମ ନିଦର୍ଶନ** ହେଉଛି ପଣ୍ଡିତ ଦୟାନନ୍ଦ ଯିଏ ଆର୍ଯ୍ୟାଙ୍କ ପାଇଁ ଗୁରୁ ଥିଲେ, ଯେବେ ତାଙ୍କର ଫିତ୍‌ନା ସୀମାଧିକ ହେଲା (ସେତେବେଳେ) ମତେ ଦେଖାଇ ଦିଆଗଲା ଯେ ଏବେ ତା ଜୀବନର ଅନ୍ତ ହେବ । ସୁତରାଂ ସେହି ବର୍ଷ ତାଙ୍କର ମୃତ୍ୟୁ ହେଲା । ମୁଁ ଏହି ପେଶ୍‌ଗୋଇଟିକୁ କାଦିଆନ୍‌ର ଜଣେ ଆର୍ଯ୍ୟ ଯାହାଙ୍କ ନାମ ଶରମ୍‌ପତ୍ ଥିଲା । ମୁଁ ତାଙ୍କୁ ଘଟଣା ଘଟିବା ପୂର୍ବରୁ (ଏ ବିଷୟ) ବତାଇଥିଲି ଓ ସେ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ।

**୫୩-ତେପନତମ ନିଦର୍ଶନ** ହେଉଛି ସେହି ଶରମ୍‌ପତ୍‌ର ଜଣେ ଭାଇ ବିସମ୍ବର ଦାସ ଗୋଟିଏ ଫୌଜଦାରୀ ମୋକଦ୍ଦମାରେ ବୋଧେ ଦେଢ଼ବର୍ଷ ପାଇଁ କଏଦୀ ହୋଇଯାଇଥିଲେ । ତେବେ ଶରମ୍‌ପତ୍ ବ୍ୟାକୁଳ ହୋଇ ମୋ ପାଖରେ ଦୁଆ କରିବା ପାଇଁ ନିବେଦନ କଲା । ସୁତରାଂ ମୁଁ ତାଙ୍କ ପାଇଁ ଦୁଆ କଲି । ତା ପରେ ମୁଁ ସ୍ୱପ୍ନରେ ଦେଖିଲି ଯେ ମୁଁ ସେହି ଦଫ୍‌ତର୍‌କୁ ଯାଇଛି ଯେଉଁଠି କଏଦି ମାନଙ୍କର ନାମ ରେଜିଷ୍ଟର୍ (ଖାତା)ରେ ଅଛି । ଓ ସେହି ରେଜିଷ୍ଟର୍‌ରେ ସବୁ କଏଦୀ ମାନଙ୍କର ଦଣ୍ଡର ଅବଧି ସମୟ ଲେଖାଥିଲା । ମୁଁ ସେ ରେଜିଷ୍ଟର୍ ଖୋଲିଲି ଯେଉଁଥିରେ ବିସମ୍ବର ଦାସ କଏଦୀଙ୍କ ବାବଦରେ ଲେଖାହୋଇଥିଲା ଯେ ଏତେ ଦିନର ଦଣ୍ଡ ଅଛି ଓ ମୁଁ ମୋ ହାତରେ ତାର ଅଧା ଦଣ୍ଡ କାଟିଦେଲି । ଓ ଯେତେବେଳେ ତାଙ୍କ ଦଣ୍ଡ ବାବଦରେ ଚିଫ୍ କୋର୍ଟରେ ଅପିଲ୍ କରାଗଲା ସେତେବେଳେ ମୋତେ ଦେଖାଇ ଦିଆଗଲା ଯେ ମୋକଦ୍ଦମାର ଫଳ ଏହା ହେବ ଯେ ମିସଲ୍ ମୋକଦ୍ଦମା ଜିଲ୍ଲାକୁ ଫେରିଆସିବ ଓ ଅଧା ଦଣ୍ଡ ବିସମ୍ବର୍ ଦାସଙ୍କର କମ୍ କରିଦିଆଯିବ କିନ୍ତୁ ଖଲାସ ହେବନାହିଁ । ମୁଁ ତାଙ୍କ ଭାଇ ଶରମ୍‌ପତ୍‌ଙ୍କୁ ମୋକଦ୍ଦମାର ଫଳ ବାହାରିବା ପୂର୍ବରୁ ଏ ସବୁ ବିଷୟ ଜଣାଇଦେଲି । ଅନ୍ତତଃ ତାହା ହିଁ ହେଲା ଯାହା ମୁଁ କହିଥିଲି ।

**୫୯-ଅଣଷଠିତମ ନିଦର୍ଶନ** ହେଉଛି ଶେଖ୍ ମେହେର୍ ଅଲି ହୋଶ୍‌ୟାର୍‌ପୁରୀଙ୍କ ବାବଦରେ ପେଶ୍‌ଗୋଇ ଅର୍ଥାତ୍ ସ୍ୱପ୍ନରେ ମୁଁ ଦେଖିଲି ଯେ ତାଙ୍କ ଘରେ ନିଆଁ ଲାଗିଯାଇଛି ଓ ମୁଁ ତାଙ୍କୁ ପୁଣି ବଂଚାଇ ଦେଉଛି । ଏହା ସେ ବିଷୟ ପ୍ରତି ଇଙ୍ଗିତ ଥିଲା ଯେ ପରିଶେଷରେ ମୋ ଦୁଆ ଜରିଆରେ ମୁକ୍ତି ମିଳିବ । ସବୁ ପେଶ୍‌ଗୋଇକୁ ମୁଁ ଚିଠିରେ ଲେଖି ଶେଖ୍ ମେହେର୍ ଅଲୀଙ୍କୁ ଜଣାଇଲି । ଏହାପରେ ପେଶ୍‌ଗୋଇ ମୁତାବକ ତାଙ୍କ ଉପରେ କାରାବାସ ର ବିପତି ଆସିଲା ଓ ପୁଣି କାରାବାସ ପରେ ପେଶଗୋଇର ଅନ୍ୟ ଭାଗ ମୁତାବକ ସେ ଖଲାସ ହେଲା ।

**୬୦-ଷାଠିଏତମ ନିଦର୍ଶନ-** ପରେ ଶେଖ୍ ମେହେର୍ ଅଲୀଙ୍କ ବାବଦରେ ଆଉ ଗୋଟିଏ ପେଶ୍‌ଗୋଇ କରାଯାଇଥିଲା ଯେ ସେ ଗୋଟିଏ ଭୀଷଣ ବିପତିରେ ପଡ଼ିବ ସୁତରାଂ ଏହାପରେ ସେ ପକ୍ଷାଘାତରେ ପିଡ଼ିତ ହେଲେ ଓ ତା ପରେ ତାଙ୍କ ଅବସ୍ଥା ଜଣାନାହିଁ ।

**୬୧-ଏକଷଠିତମ ନିଦର୍ଶନ**-ହେଉଛି ମୋ ଭାଇ ମିର୍ଜା ଗୁଲାମ୍ କାଦିର୍ ମରହୁମ୍‌ଙ୍କ ମୃତ୍ୟୁ ବିଷୟରେ ପେଶ୍‌ଗୋଇ ଯେଉଁଥିରେ ମୋର ଗୋଟିଏ ପୁତ୍ରଙ୍କ ତରଫରୁ ହିକାୟତ୍ ଅନିଲ୍ ଗଏର୍ ରୂପେ ଏ ଏଲ୍‌ହାମ୍ ହେଲା **ଅଏ ଉମ୍ମି ବାଜିଏ ଖୋଏଶ୍ କର୍‌ଦି ଓ୍ୱ ମରା ଅଫ୍‌ସୋସ୍ ବିସ୍‌ୟାର୍ ଦାଦି** । ଏ ପେଶ୍‌ଗୋଇ ମଧ୍ୟ ସେହି ଶରମ୍‌ପତ୍ ଆର୍ଯ୍ୟଙ୍କୁ ସମୟ ପୂର୍ବରୁ ବତା ହୋଇଥିଲା ଓ ସେହି ଏଲ୍‌ହାମ୍‌ର ଅର୍ଥ ଏହା ଥିଲା ଯେ ମୋ ଭାଇଙ୍କର ଅସମୟରେ ଓ ଅଚାନକ ମୃତ୍ୟୁ ହେବ ଯାହା (ଦ୍ୱାରା ବହୁତ) ଦୁଃଖ ହେବ । ଯେବେ ଏ ଏଲ୍‌ହାମ୍ ହେଲା, ସେହିଦିନ ବା ତାର ଗୋଟିଏ ଦିନ ପୂର୍ବରୁ ଶରମ୍‌ପତ୍ (ବର୍ଣ୍ଣିତ) ଙ୍କ ଘରେ ଗୋଟିଏ ପୁତ୍ର ଜନ୍ମ ହେଲା । ଯାହାର ନାମ ସେ ଅମିନଚନ୍ଦ ରଖିଲେ ଏବଂ ମୋତେ ଆସି ସେ ଜଣାଇଲେ ଯେ ମୋ ଘରେ ପୁତ୍ର ଜନ୍ମ ହୋଇଛି ଯାହାର ନାମ ମୁଁ ଅମିନ୍‌ଚନ୍ଦ ରଖିଛି । ମୁଁ କହିଲି ଏବେ ମୋତେ ଏଲ୍‌ହାମ୍ ହୋଇଛି ଯେ **ଅଏ ଉମ୍ମି ବାଜିଏ ଖୋଏଶ୍ କର୍‌ଦି ଓ ମରା ଅଫ୍‌ସୋସ୍ ବସ୍‌ୟାର୍ ଦାଦି** । ଏବଂ ସେତେବେଳେ ଏହି ଏଲ୍‌ହାମ୍‌ର ମୋ ଉପରେ ଅର୍ଥ ପ୍ରକାଶ ହୋଇନଥିଲା । ମୋତେ ଭୟ ଲାଗୁଛି ଯେ ଏହାର ଅର୍ଥ ତୋ ପୁଅ ଅମିନ୍‌ଚନ୍ଦ ନ ହେଉ । କାରଣ ତୁମର ମୋ ପାଖକୁ ଯିବା ଆସିବା ବହୁତ ଓ ଏଲ୍‌ହାମ୍‌ରେ ବେଳେବେଳେ ଏପରି ସଂଯୋଗ ହୋଇଥାଏ ଯେ କୌଣସି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କ ବାବଦରେ ଏଲ୍‌ହାମ୍ ହୁଏ । ସେ ଏହି କଥା ଶୁଣି ଡରିଗଲା ଓ ସେ ଘରେ ପହଂଚିବା ସଙ୍ଗେ ସଙ୍ଗେ ନିଜ ପୁଅର ନାଁ ବଦଳାଇଦେଲା । ଅର୍ଥାତ୍ ଅମିନ୍‌ଚନ୍ଦ୍ ଯାଗାରେ ଗୋକୁଲ୍‌ଚନ୍ଦ ରଖିଦେଲା । ସେ ପୁଅ ଏପର୍ଯ୍ୟନ୍ତ ଜୀବିତ ଅଛି ଏବଂ ବର୍ତ୍ତମାନ କୌଣସି ଜିଲ୍ଲାର ବନ୍ଦୋବସ୍ତରେ ମିସଲ୍ ଖାଁ ଅଛି । ଏହାପରେ ମୋ ଉପରେ ପ୍ରକାଶ ହେଲା ଯେ ଏହି ଏଲ୍‌ହାମ୍‌ରେ ମୋ ଭାଇଙ୍କ ମୃତ୍ୟୁ ବିଷୟରେ ଇଙ୍ଗିତ କରାଯାଇଛି । ସୁତରାଂ ମୋ ଭାଇଙ୍କର ଦୁଇ ତିନି ଦିନ ପରେ ଅଚାନକ ମୃତ୍ୟୁ ହୋଇଗଲା । ଓ ମୋର ସେହି ପୁତ୍ରକୁ ଏହି ମୃତ୍ୟୁର ସଦ୍‌ମା (ଦୁଃଖ) ପହଂଚିଲା । ଏବଂ ଏହି ସବୁ ବିଷୟର ସାକ୍ଷୀ ଶରମ୍‌ପତ୍ ହୋଇଗଲା । ଯିଏ ଜଣେ ଭୀଷଣ କଟ୍ଟର ଆର୍ଯ୍ୟ ଅଟନ୍ତି । ଯଦି ପଚାର ଯେ ଖୁଦାଙ୍କ ଏଲ୍‌ହାମ୍‌ର ସେହି ସମୟରେ କାହିଁକି ଅର୍ଥ ପ୍ରକଟ ହେଲା ନାହିଁ ବୋଲି । ତେବେ ମୁଁ ତାର ଉତରରେ କହୁଛି ଯେ ମକତେଆତ୍ କୁର୍‌ଆନୀ ଅର୍ଥାତ୍ କୋରାନ୍‌ରେ ଥିବା ମକତେଆତ୍‌ର ଅକ୍ଷର ଗୁଡିକର ଅର୍ଥ ଏପର୍ଯ୍ୟନ୍ତ ପ୍ରକାଶ ହୋଇନାହିଁ । କିଏ ଜାଣିଛି ଯେ ତାହା କଣ ଜିନିଷ ବୋଲି ଏବଂ ନୁନ୍ କଣ ଏବଂ କାଫ୍ ହା ୟା ଅଇନ୍ ସ୍ୱାଦ୍ କି ଜିନିଷ ଓ ସୟୁହ୍‌ଜମୁଲ୍ ଯମ୍‌ଉ ଆୟତ ବାବଦରେ ହଦିସ୍‌ରେ ଅଛି ଯେ ଆଁ ହଜ୍‌ରତ୍ କହିଲେ ଯେ ଏବେ ଯାଏଁ ମୋତେ ଏହାର ଅର୍ଥ ଜଣାନାହିଁ ବୋଲି ଓ ନିଜେ ଆପଣ କହିଲେ ଯେ ମୋତେ ଗୋଟିଏ ବେହଶତି ଅଙ୍ଗୁର ପେନ୍ଥା ଦିଆଗଲା ଯେ ଏହା ହେଉଛି ଅବୁ ଯହଲ୍ ପାଇଁ ଏବଂ ମୁଁ ଏହାର ଅର୍ଥ ବୁଝି ପାରିଲି ନାହିଁ ଯେ ପର୍ଯ୍ୟନ୍ତ ତା ପୁତ୍ର ଅକ୍‌ରମା ମୁସଲ୍‌ମାନ୍ ନ ହୋଇଗଲା । ଓ ମତେ ହିଜ୍‌ରତ୍ କରିବାର ସ୍ଥାନ ଜଣାଇଦିଆଗଲା । ଏବଂ ମୁଁ ବୁଝିପାରିଲିନି ଯେ ତାହା ମଦିନା ବୋଲି । ସୁତରାଂ ଏପରି ଆରୋପ କେବଳ ଅଲ୍ଲାଃଙ୍କ ସୁନ୍ନତ ବିଷୟରେ ଜାଣିନଥିବା ଯୋଗୁଁ ମନରେ ସୃଷ୍ଟି ହୋଇଥାଏ ।

**୬୩-ତେଷଠିତମ ନିଦର୍ଶନ**-ବରାହିନେ ଅହେମଦୀୟାରେ ମୋ ବିଷୟରେ ଖୁଦାତାଲାଙ୍କ ଏହି ପେଶ୍‌ଗୋଇ ଅଛି ଯେ ହତ୍ୟା ଇତ୍ୟାଦି ଯୋଜନାରୁ ମୋତେ ବଂଚାଇ ଦିଆଯିବ ସୁତରାଂ ଆଜି ପର୍ଯ୍ୟନ୍ତ ବାରମ୍ବାର ଆକ୍ରମଣ ହେବା ସତ୍ତ୍ୱେ ଖୁଦାତାଲା ମୋତେ ଶତୃଙ୍କ ଦୁଷ୍ଟତାରୁ ବଂଚାଇଛି ।

**(ରୁହାନି ଖଜାଏନ୍, ଖଣ୍ଡ-୨୨, ହକିକତୁଲ୍ ଓ୍ୱହି, ପୃଷ୍ଠା-୨୩୧-୨୩୪)**

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଇନ୍‌ଫାକ୍ ଫି ସବିଲିଲ୍ଲାଃ

## (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

ମୌଲାନା ଅତାଉଲ୍ ମୁଜିବ୍ ରାଶିଦ୍ (ଇମାମ୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍)

ଭାଗ - ୩

### ମାଲି କୁର୍‌ବାନି ଦ୍ୱାରା ଇମାନ୍ ଅଫରୋଜ୍ (ବିଶ୍ୱାସ ବୃଦ୍ଧି କରୁଥିବା) ଦୃଷ୍ଟାନ୍ତ ।

ମନୁଷ୍ୟଙ୍କୁ ଅଲ୍ଲାଃତାଲା ଏପରି ତିଆରି କରିଛନ୍ତି ଯେ ସେ ଯେବେ ଅଲ୍ଲାଃଙ୍କ ନିର୍ଦ୍ଦେଶ ଶୁଣେ ଏପରି ପ୍ରଭାବିତ ହୋଇଥାଏ ଯେ ସମ୍ପୂର୍ଣ୍ଣ ରୂପେ ତାର ହୃଦୟ ପରିବର୍ତ୍ତନ ହୋଇଯାଏ । ହଜ୍‌ରତ୍ ଉମର୍ ର:ଅ ଙ୍କ ସମ୍ବନ୍ଧରେ ଆସୁଅଛି କାନା ୱକାଫନ୍ ଇନ୍‌ଦଲ୍ କୁରଆନ୍ ଅର୍ଥାତ୍ ଆପଣ ପବିତ୍ର କୋରାନ୍‌ର ଆୟତ ଶୁଣି ତୁରନ୍ତ ନିର୍ଦ୍ଦେଶ ଅନୁଯାୟୀ ରୋକି ଯାଉଥିଲେ । ହଜ୍‌ରତ୍ ଅବୁବକର୍ ର:ଅ ଙ୍କ ମୁହଁରୁ ପବିତ୍ର ଆୟତ ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ (ଆଲେ ଇମ୍‌ରାନ୍-୧୪୫) ଶୁଣି ହଜ୍‌ରତ୍ ଉମର୍ ର:ଅ ଙ୍କ ଉପରେ କି ପ୍ରଭାବ ହୋଇଥିଲା ? ହାତରେ ଉଠାଇ ରଖିଥିବା ତଲ୍‌ୱାର୍ ହାତରୁ ଖସିପଡ଼ିଲା ଓ ଛିଡ଼ା ହେବା ମଧ୍ୟ କଷ୍ଟକର ହୋଇପଡ଼ିଲା । କେବେ ଏପରି ହୋଇଥାଏ ଯେ ନବୀଙ୍କ ନିର୍ଦ୍ଦେଶ କାନରେ ପଡ଼ିବା କ୍ଷଣି ଜୀବନରେ ଏକ ମହାନ୍ ପରିବର୍ତ୍ତନ ଆସିଥାଏ । ଗଳିରେ ଚାଲୁଥିବା ସାହାବିଙ୍କ କାନରେ ରସୁଲେ ଖୁଦା ସ:ଆ:ସ ଙ୍କ ଶବ୍ଦ ପଡ଼ିଲା 'ବସିଯାଓ' । ଆପଣ ସ:ଆ:ସ ପ୍ରତ୍ୟକ୍ଷରେ ସମ୍ବୋଧନ ମଧ୍ୟ କରିନଥିଲେ । କିନ୍ତୁ ସେହି ଗଳିରେ ସାହାବା (ଚାଲୁଥିବା ସମୟରେ ପରୋକ୍ଷରେ ନିର୍ଦ୍ଦେଶ ଶୁଣି ମଧ୍ୟ) ବସିଗଲେ । ସୁରାପାନର ଯୁଗ ଚାଲିଥିଲା । ଏ ସମୟରେ ଏଲାନ୍ ଶୁଣାଗଲା ଯେ ଆଜିଠାରୁ ମଦ ହରାମ୍ (ଅବୈଧ) କରିଦିଆଗଲା । ନିଶାଶକ୍ତ ଅବସ୍ଥାରେ ଥିବା ସତ୍ୱେ ମଧ୍ୟ ସାହାବି ଉଠିଲେ ଏବଂ ଲାଠି ସାହାଯ୍ୟରେ ମଦର ହାଣ୍ଡି ଗୁଡ଼ିକୁ ଭାଙ୍ଗି ଚୁର୍‌ମାର୍ କରିଦେଲେ । ବାସ୍ତବରେ ପୁଣ୍ୟର ପ୍ରତି କ୍ଷେତ୍ରରେ ଇତାଅତ୍‌ର ଏହି ଅବସ୍ଥା ପ୍ରତ୍ୟେକ ମୋମିନଙ୍କୁ ହାସଲ୍ କରିବା ଉଚିତ୍ ସେଥିଯୋଗୁ ତରବିୟତି ଭାଷଣ ଗୁଡିକରେ ପବିତ୍ର କୋରାନ୍‌ର ଆୟତ୍ ଆହାଦିସ୍ ନବୱି ଏବଂ ହଜ୍‌ରତ୍ ମସିହ୍ ପାକ୍ ଆ:ସ ଙ୍କ ନିର୍ଦ୍ଦେଶାବଳୀ ଗୁଡିକ ବର୍ଣ୍ଣନା କରାଯାଉଛି ଯେ ଏହାର ବରକତ୍‌ରୁ ମୋମିନ୍‌ଙ୍କ ହୃଦୟରେ ଏକ ପବିତ୍ର ପରିବର୍ତ୍ତନର ଆଶା ସଂଚାର ହେବ.... । ବେଳେବେଳେ ଏପରି ହୋଇଥାଏ ଯେ ମନୁଷ୍ୟ ଦୃଷ୍ଟାନ୍ତ ଦ୍ୱାରା ବହୁତ ପ୍ରଭାବିତ ହୋଇଥାଏ ଏବଂ ପୁଣ୍ୟ ପ୍ରଭାବକୁ ଗ୍ରହଣ କରିଥାଏ ।

ଏହି ଦୃଷ୍ଟାନ୍ତ ଗୁଡିକ ମଧ୍ୟରୁ ଆଜି ମୁଁ କିଛି ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛି । ଏହି ଆଶା ଓ ଦୁଆ ରଖୁଛି ଯେ 'ଶାୟଦ୍ କେ ଉତର ଯାଏ କିସି ଦିଲ୍ ମେ ମେରି ବାତ୍' ।

### କୋରୁନେ ଉଲା
### (ପ୍ରାରମ୍ଭିକ ଇସ୍‌ଲାମୀୟ ସମୟ) ର ଦୃଷ୍ଟାନ୍ତ

ଆସନ୍ତୁ ଆମେ ଆରମ୍ଭ କରିବା ସାହାବା କରାମ୍ ର:ଅ ଙ୍କ ଉଦାହରଣ ମାନଙ୍କ ମଧ୍ୟରୁ କିଛି ଯେଉଁମାନେ ମୁହମ୍ମଦ୍ ଙ୍କ ଜ୍ୟୋତିକୁ ନିଜ ଆଖିରେ ଦେଖିବାର ସୌଭାଗ୍ୟ ହାସଲ କରିଛନ୍ତି । ଏବଂ ଆପଣଙ୍କ ନିକଟରେ ରହି ଆପଣ ସ:ଆ:ସ ଙ୍କ ନିର୍ଦ୍ଦେଶ ଗୁଡିକ ଉପରେ ଏପରି ଜୀବନ ବିତାଇଛନ୍ତି ଯେ ଫଳତଃ ସେମାନେ ସମସ୍ତେ ଆକାଶରେ ନକ୍ଷତ୍ର ପରି ଚକମକ୍ ହେଉଛନ୍ତି । ଏମାନେ ହେଉଛନ୍ତି ସେହି ସୌଭାଗ୍ୟଶାଳୀ ସାହାବା ଯେଉଁମାନଙ୍କ ଉପରେ ଖୁଦା ସନ୍ତୁଷ୍ଟ ହେଲେ କିନ୍ତୁ ସେମାନେ ଖୁଦାଙ୍କ ଉପରେ ମଧ୍ୟ ସନ୍ତୁଷ୍ଟ ହୋଇଗଲେ ଓ ଯାହାଙ୍କ ନମୁନାକୁ ସର୍ବଦା ଅନୁକରଣ କରିବା ପାଇଁ ରସୁଲେ ପାକ୍ ସ:ଆ:ସ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ।

ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ) ର ଘଟଣାମାନ ଇସ୍‌ଲାମ୍ ଇତିହାସରେ ଭରିପଡ଼ିଛି । ହଜ୍‌ରତ୍ ଉମର୍ ର:ଅ ଗୋଟିଏ ଯୁଦ୍ଧ ଅବସରରେ ଅଧା ସମ୍ପତି ପ୍ରଦାନ କରିଦେଲେ । ଏବଂ ଭାବିଲେ ଯେ ଏ କ୍ଷେତ୍ରରେ ମୁଁ ସମସ୍ତଙ୍କ ଠାରୁ ଆଗରେ ରହିଛି ବୋଲି । କିଛି ସମୟ ପରେ ହଜ୍‌ରତ୍ ଅବୁବକର୍ ର:ଅ ଆସିଲେ ଓ ନିଜର ସମସ୍ତ ଧନ ସମ୍ପତି ପ୍ରିୟ ଆକା ସ:ଆ:ସ ଙ୍କ ଗୋଚରେ ଅର୍ପଣ କରିଦେଲେ ।

ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ) ଏବଂ ଜଣେ ଆଉ ଜଣଙ୍କ ଠାରୁ ଆଗକୁ ବଢ଼ିଯିବାର ଏ ସୁନ୍ଦର ଶିକ୍ଷାକୁ ସାହାବାମାନେ ନିଜର ପ୍ରିୟ ଆକା ଏବଂ ଏ ସମଗ୍ର ବିଶ୍ୱର ଶିକ୍ଷକ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଠାରୁ ଶିଖିଛନ୍ତି । ଆପଣ ସ:ଆ:ସ ହିଁ ଏମାନଙ୍କ ହୃଦୟକୁ ଆଧ୍ୟାତ୍ମିକ ପବିତ୍ରତା ପ୍ରଦାନ କରିଛନ୍ତି ଏବଂ ଏମାନଙ୍କ ହୃଦୟରେ ଅଲ୍ଲାଃଙ୍କ ମାର୍ଗରେ ନିଶ୍ଚିନ୍ତରେ ଖର୍ଚ୍ଚ କରିବା ପାଇଁ ମଞ୍ଜି ପୋତିଲେ । ଯେତେବେଳେ ଏହି ମଞ୍ଜିରୁ ଫଳ ମିଳେ ଏବଂ କୌଣସି ସୁଫଳ ଆପଣଙ୍କ ଦୃଷ୍ଟିଗୋଚର ହୁଏ ତ ଆପଣଙ୍କ ପବିତ୍ର ଚେହେରା ଖୁସିରେ ପ୍ରଜ୍ୱଳିତ ହୁଏ ଯେପରି ଜଣେ କୃଷକ ନିଜର ସବୁଜ କ୍ଷେତକୁ ଦେଖି ଖୁସିରେ ଝୁମି ଉଠେ । ଏହାର ଗୋଟିଏ ଦୃଷ୍ଟାନ୍ତ ଉପସ୍ଥାପନ କରୁଅଛି ।

ହଜ୍‌ରତ୍ ଜରିର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଗୋଚରରେ ଗୋଟିଏ ଗରିବ ଜାତିର ଲୋକେ ହାଜିର୍ ହେଲେ, ଯେଉଁମାନେ ଖାଲିପାଦ ଏବଂ ଖାଲି ଦେହରେ ଥିଲେ । ସେମାନଙ୍କର ଅବସ୍ଥା ଦେଖି ରସୁଲୁଲ୍ଲାଃ ସ:ଆ:ସ ଙ୍କ ଚେହେରା ପରିବର୍ତ୍ତନ ହୋଇଗଲା ଓ ଆପଣ ସାହାବାଙ୍କୁ ଏକତ୍ରିତ କରି ଭାଷଣ ଦେଲେ । ଓ ସେହି ଗରିବ ଲୋକମାନଙ୍କ ପାଇଁ ସଦ୍‌କା କରିବାକୁ ନିର୍ଦ୍ଦେଶ ଦେଲେ । ସାହାବାମାନେ ଦୀନାର, ଦିରହମ୍, କପଡ଼ା, ଯଅ ଏବଂ ଖଜୁର୍ ଆଣି ସଦ୍‌କା ଦେଲେ । ଏପରିକି କପଡ଼ା ଏବଂ ଖାଦ୍ୟର ଦୁଇଗୋଟି ଗଦା ହୋଇଗଲା । ହଜ୍‌ରତ୍ ଜରିର୍ କହୁଛନ୍ତି ମୁଁ ଦେଖିଲି ଯେ ଏହାକୁ ଦେଖି ରସୁଲୁଲ୍ଲାଃ ସ:ଆ:ସ ଚେହେରା ସୁନା ପରି ଝଲସୁଥିଲା । (ସହି ମୁସ୍‌ଲିମ୍ କିତାବୁଲ୍ ଜକାତ୍)

ଯେବେ ପବିତ୍ର କୋରାନ୍‌ର ଏହି ଆୟତ ଅବତୀର୍ଣ୍ଣ ହେଲା ଯେ ଲନ୍ ତନାଲୁଲ୍ ବିର୍‌ର ହତ୍ତା ତୁଲ୍‌ଫିକୁ ମିମ୍ମା ତୁହିବ୍ବୁନ୍ (ସୁରା ଆଲେ ଇମ୍‌ରାନ୍:-୯୩) ଅର୍ଥାତ୍ ତୁମେ କଦାପି ପୁଣ୍ୟ ହାସଲ୍ କରିପାରିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ତୁମର ପ୍ରିୟତମ ଜିନିଷକୁ ଖର୍ଚ୍ଚ ନ କରିଛ ।

ଏହାପରେ ପ୍ରିୟ ସାହାବାମାନଙ୍କର ଅମଲକୁ ଦେଖିବା ଯୋଗ୍ୟ ଥିଲା । ଏପରି ଲାଗୁଥିଲା ଯେ ସେମାନେ ନିଜର ସବୁ ପ୍ରିୟ ଜିନିଷକୁ ଅଲ୍ଲାଃଙ୍କ ମାର୍ଗରେ ତ୍ୟାଗ କରିବା ପାଇଁ ଫଇସଲା କରିସାରିଛନ୍ତି । ମଦିନା ଅନ୍‌ସାର୍ ମାନଙ୍କ ମଧ୍ୟରେ ସବୁଠାରୁ ଅଧିକା ବଗିଚା ହଜ୍‌ରତ୍ ତଲ୍‌ହା ର:ଅ ଙ୍କ ନିକଟରେ ଥିଲା । ବିର୍ ହା ନାମୀ ଏକ ବଗିଚା ଆପଣଙ୍କର ପ୍ରିୟତମ ଥିଲା । ଏହା ମସ୍‌ଜିଦ୍ ନବୱି ସମ୍ମୁଖରେ ଥିଲା । ଏହି ବଗିଚାର ଥଣ୍ଡା ଏବଂ ମିଠା ପାଣି ଆପଣ ସ:ଆ:ସଙ୍କୁ ବହୁତ ପସନ୍ଦ ଥିଲା । ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା ହଜ୍‌ରତ୍ ଅବୁ ତଲ୍‌ହା ର:ଅ ସଙ୍ଗେ ସଙ୍ଗେ ଏହି ବଗିଚାକୁ ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ନିମନ୍ତେ ସଦ୍‌କା ରୂପେ ଉପସ୍ଥାପନ କରିଦେଲେ !

ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ କହୁଛନ୍ତି ଯେ ଯେତେବେଳେ ଏହି ଆୟତ୍ ଅବତୀର୍ଣ୍ଣ ହେଲା ସେତେବେଳେ ଚିନ୍ତା କଲି ଯେ ମୋ ନିଜ ଧନ ସମ୍ପତି ମଧ୍ୟରୁ ସବୁଠାରୁ କେଉଁ ଧନ ମୋତେ ପସନ୍ଦ ? ମୁଁ ନିଜର ରୋମି ଲୌଣ୍ଡି (କ୍ରୀତଦାସୀ)ଙ୍କ ଠାରୁ ଅଧିକ ପ୍ରିୟତମ ଜିନିଷ ପାଇଲି ନାହିଁ । ସେଥିଯୋଗୁଁ ମୁଁ ସେହିକ୍ଷଣି ଉକ୍ତ ଲୌଣ୍ଡି କୁ ଆଜାଦ୍(ସ୍ୱାଧୀନ)କରିଦେଲି । (ହିଲୟତୁଲ୍ ଔଲିଆ, ଖଣ୍ଡ-୧, ପୃଷ୍ଠା-୨୯୫)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ଙ୍କ ଘଟଣା ମଧ୍ୟ ବହୁତ ବିଶ୍ୱାସ ବର୍ଦ୍ଧକ ଘଟଣା ଅଟେ । ଏକଦା ସେ ଥରେ ବେମାର୍ ହୋଇଗଲେ । ମାଛ ଖାଇବା ପାଇଁ ବହୁତ ମନ ହେଲା । ଲୋକମାନେ ବହୁତ ଖୋଜାଖୋଜି କରି ଗୋଟିଏ ମାଛର ଆୟୋଜନ କରି ତାକୁ ରାନ୍ଧି ତାଙ୍କ ସମ୍ମୁଖରେ ରଖିଲେ । ଏବେ ସେ ଗୋଟିଏ ଗୁଣ୍ଡା ମଧ୍ୟ ନେଇନଥିଲେ ଯେ ଘର କବାଟରେ ଜଣେ ମିସ୍‌କିନ୍ (ଅସହାୟ ଗରିବ ବ୍ୟକ୍ତି) ଡାକ ଛାଡ଼ିଲେ । ଆପଣ ତତ୍‌କ୍ଷଣାତ୍ ସବୁତକ ମାଛ ଉଠାଇ ତାକୁ ଦେଇଦେଲେ । ଲୋକମାନେ ବାଧ୍ୟ କରୁଥାନ୍ତି ଯେ ଆପଣ ଏ ମାଛକୁ ଖାଇଦିଅନ୍ତୁ, ଆମେ ସେ ଗରିବ ଲୋକକୁ କିଛି ଟଙ୍କା ଦେଇଦେବୁ । କିନ୍ତୁ ହଜ୍‌ରତ୍ ଉମର କହିଲେ ଯେ ବର୍ତ୍ତମାନ ମୋ ପାଇଁ ବର୍ତ୍ତମାନ ଏହି ମାଛଟି ହେଉଛି ସବୁଠୁ ପ୍ରିୟତମ ଏବଂ ପସନ୍ଦଯୋଗ୍ୟ । ତେଣୁ ମୁଁ ଏହାକୁ ସଦ୍‌କା କରିବି । (ହିଲିଅତୁଲ୍ ଅଉଲିଆ ଖଣ୍ଡ-୧, ପୃଷ୍ଠା-୨୯୭)

ହଜ୍‌ରତ୍ ସଲ୍‌ମାନ୍ ଫାର୍ସୀ ର:ଅ ମଦାଇନ୍‌ର ଗଭର୍ଣ୍ଣର ଥିଲେ । ତାଙ୍କୁ ବଇତୁଲ୍‌ମାଲ୍‌ରୁ ପଂଚହଜାର୍ ଦୀନାର୍ ମିଳୁଥିଲା । ଆପଣଙ୍କ ଅଭ୍ୟାସ ଏହା ଥିଲା ଯେ ଟଙ୍କା ମିଳିବା ସଙ୍ଗେ ସଙ୍ଗେ ସବୁତକ ଖୁଦାତାଲାଙ୍କ ମାର୍ଗରେ କୁର୍‌ବାନ୍ କରିଦେଉଥିଲେ । ଏବଂ ନିଜର ଗୁଜୁରାଣ ଚଟାଇ ବୁଣି ଚଳାଉଥିଲେ । (ଅଲ୍‌ଇସ୍ତେଆବ୍ ଖଣ୍ଡ-୨, ପୃଷ୍ଠା-୫୭୨)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବେର୍ ର:ଅ କହୁଛନ୍ତି ଯେ ମୁଁ ହଜ୍‌ରତ୍ ଆଇସା ଏବଂ ହଜ୍‌ରତ୍ ଅସ୍‌ମା ଙ୍କ ଠାରୁ ଅଧିକା ଦାନୀ କାହାକୁ ଦେଖିନାହିଁ । ଦୁଇଜଣଙ୍କର କୁର୍‌ବାନୀର ଶୈଳୀ ଭିନ୍ନ ଭିନ୍ନ ଥିଲା । ହଜ୍‌ରତ୍ ଆଇସା ର:ଅ ଅଳ୍ପ ଅଳ୍ପ କରି ଧନ ଏକତ୍ରିତ କରନ୍ତି ଏବଂ ଯେତେବେଳେ କିଛି ଧନ ଏକାଠି ହୋଇଯାଏ ତ ସବୁତକ ବାଂଟି ଦିଅନ୍ତି । କିନ୍ତୁ ହଜ୍‌ରତ୍ ଅସ୍‌ମା ଙ୍କ ଶୈଳୀ ଏପରି ଥିଲା ଯେ ସେ କୌଣସି ଜିନିଷ ମଧ୍ୟ ନିଜ ପାଖରେ ରଖୁନଥିଲେ । (ଅଲ୍ ଅଦବୁଲ୍ ମୁଫରଦ୍ ବାବୁଲ୍ ସଖାୱତେ)

ଥରେ ରସୁଲେ ଖୁଦା ସ:ଆ:ସ ମହିଳାମାନଙ୍କୁ ଅଲ୍ଲାଃଙ୍କ ମାର୍ଗରେ କୁର୍‌ବାନୀ (ତ୍ୟାଗ) କରିବା ପାଇଁ ଉପଦେଶ ଦେଲେ । ଏବେ ଆପଣ ସ:ଆ:ସ ଘରେ ପହଂଚି ନଥିବେ ଯେ ହଜ୍‌ରତ୍ ଇବ୍‌ନେ ମସୁଦ୍ ର:ଅ ଙ୍କ ସ୍ତ୍ରୀ ଆସିଗଲେ ଏବଂ କହିଲେ ଯେ ମୋ ପାଖରେ ଯାହା କିଛି ଗହଣା ଅଛି ସେ ସବୁକୁ ନେଇଆସିଛି ଏବଂ ଅଲ୍ଲାଃଙ୍କ ମାର୍ଗରେ ପେଶ୍ କରୁଛି । (ସହି ବୁଖାରୀ କିତାବୁଲ୍ ଜକାତ୍)

ଏହି କିଛି ଦୃଷ୍ଟାନ୍ତ ନମୁନା ରୂପେ ଦିଆଗଲା । କିନ୍ତୁ ବାସ୍ତବିକତା ଏହା ଅଟେ ଯେ ରସୁଲେ ପାକ୍ ସ:ଆ:ସ ଙ୍କ ପବିତ୍ର ଦୃଷ୍ଟି ସେହି ସାହାବା ମାନଙ୍କ ଅସ୍ତିତ୍ୱ ଉପରେ ପଡ଼ି ଏପରି କାମ ଦେଲା ଯେ ସେମାନେ ନିଜରୁ ନିଜେ ହଜିଗଲେ । ଏବଂ ଏପରି ନମୁନା ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରି ଦେଖାଇଲେ ଯେ ଯାହାର ଦୃଷ୍ଟାନ୍ତ ମିଳିବା ଅସମ୍ଭବ ।

ବର୍ତ୍ତମାନ ଯୁଗରେ ଉଦାହରଣ:-

ଆସନ୍ତୁ ଆମେ ଦେଖିବା ଯେ ଏହି ଶେଷ ଯୁଗରେ ଯାହା ହଜ୍‌ରତ୍ ରସୁଲେ ପାକ୍ ସ:ଆ:ସ ଙ୍କ ସମ୍ପୂର୍ଣ୍ଣ ଦାସ ଏବଂ ସଚ୍ଚା ଆସିକ୍ ଙ୍କ ବାବରକତ୍ ଯୁଗ ଅଟେ ଯେଉଁ ଯୁଗରେ ଆମକୁ ଅଲ୍ଲାଃ ଜନ୍ମ ଦେଇଛନ୍ତି ଏବଂ ଏ ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେ ଆମେ ଏହି ଯୁଗକୁ ପାଇଛୁ ଯାହାକୁ ଅପେକ୍ଷା କରି କରି ଲକ୍ଷ୍ୟ ଲକ୍ଷ୍ୟ ଏବଂ କରୋଡ଼ କରୋଡ଼ ମନୁଷ୍ୟ ଏ ସଂସାରକୁ ଚାଲିଗଲେ । ହଜ୍‌ରତ୍ ମସିହ୍

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

# ଖୁତ୍‌ବା ଜୁମା

★ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କ କୃପାରୁ M.T.A ମାଧ୍ୟମରେ ସମଗ୍ର ବିଶ୍ୱର ଅହେମଦିମାନେଏଭଳି ଏକତ୍ରିତ ଓ ପ୍ରତ୍ୟେକ ବିଷୟରେ ଅବଗତ ହେଲେଣି ଯେ ବର୍ତମାନ ଖଲିଫାଙ୍କ ଗସ୍ତ ଓ ଜମାଅତମାନଙ୍କର କାର୍ଯ୍ୟକ୍ରମ ତଥା ଖବର ଶୁଣିବା ପାଇଁ ସେମାନଙ୍କ ଦିର୍ଘ ସମୟ ପ୍ରତୀକ୍ଷା କରିବା କିମ୍ବା ଜମାଅତର ପତ୍ରିକା, ଖବରକାଗଜ ଆସିବାର ଅପେକ୍ଷା କରିବାକୁ ପଡୁ ନାହିଁ ବରଂ ସଙ୍ଗେସଙ୍ଗେ ପ୍ରତ୍ୟେକ ଖବର ପହଂଚିଯାଉଛି ।

★ ହଜୁର ଅନଓ୍ୱର ଅ.ବ କହିଲେ- ସେହିପରି ଯୋଗଦାନକାରୀମାନେ ମଧ୍ୟ (ଅଣଅହେମଦି) ଅତିଥିମାନଙ୍କ ଉପରେ ଏକ ଉତମ ପ୍ରଭାବ ଛାଡ଼ିଥାନ୍ତି । ଯାହାର ପ୍ରକାଶ ସେମାନେ ପରବର୍ତୀ ସମୟରେ କରିଥାନ୍ତି । ବର୍ତମାନ ସେଥିସମ୍ବନ୍ଧରେ ମୁଁ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ମନ୍ତବ୍ୟର ଚର୍ଚ୍ଚା କରିବାକୁ ଯାଉଛି, ଯଦ୍ୱାରା ଜଲସାର ବରକତ ଆମମାନଙ୍କ ଦୃଷ୍ଟିଗୋଚର ହେବ ଓ ତାହା ପୁଣି ଅଲ୍ଲାଃତାଲାଙ୍କ ଅଧିକ କୃତଜ୍ଞ ହେବାର ସୁଯୋଗ ପ୍ରଦାନ କରିବ ଏବଂ ନିଜ ଅବସ୍ଥା ଆହୁରି ଅଧିକ ପରିମାର୍ଜିତ କରିବା ପ୍ରତି ଆମର ଧ୍ୟାନ ଆକର୍ଷିତ ହେବ ।

★ ଜଣେ ଜର୍ମାନୀ ବନ୍ଧୁ ଶ୍ରୀମାନ ମଶାଇଲ୍ ଫେଚର ସାହେବ ଜଲସାରେ ଯୋଗଦେଇଥିଲେ । ସେ କହିଲେ ମୁଁ ଏହି ଜଲସାରେ ଯୋଗଦେବା ପୂର୍ବରୁ ଖବର କାଗଜରେ ପଢୁଥିଲି ଯେ ଅହେମଦିମାନେ ଶାନ୍ତିପ୍ରିୟ ଅଟନ୍ତି କିନ୍ତୁ ମୋ ହୃଦୟରେ ଏକଥା ଉଙ୍କିମାରୁଥିଲା କି ଏପରି ଆହୁର ଅନେକ ଗୋଷ୍ଠୀ ମଧ୍ୟ ଶାନ୍ତିପ୍ରିୟ ହେବାର ଘୋଷଣା କରୁଛନ୍ତି । କିନ୍ତୁ ଏଠାକୁ ଆସି ଏଭଳି ବଡ଼ ଧରଣର ସମ୍ମିଳନୀ ଏପରି ଶାନ୍ତିପୂର୍ଣ୍ଣ ଢଙ୍ଗରେ ଆୟୋଜନ ହେବା ସ୍ୱଚକ୍ଷୁରେ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା ।

★ ଜଣେ ମହିଳା ମାରିୟା ଜୋଜେ ସାହେବା ଯେ ଉତର ଆମେରିକା ନିବାସୀ ଅଟନ୍ତି । ସେ କହିଲେ ଏଠାକୁ ଆସି ମୁଁ ଆଚମ୍ଭିତ, ଏଭଳି ଭିନ୍ନ ଗୋଷ୍ଠୀ, ଜାତ, ଭାଷା, ବର୍ଣ୍ଣର ଲୋକେ ପରସ୍ପର ସହ ମିଳିତ ଭାବରେ ଏକାଠି ରହୁଛନ୍ତି ଏବଂ ପ୍ରତ୍ୟେକ ସ୍ଥାନରେ ଶାନ୍ତି ଓ ପ୍ରେମର ବାତାବରଣ ତଥା ସମସ୍ତେ ପୂର୍ଣ୍ଣ ସନ୍ତୋଷଚିତ ଲାଭ କରିବା ସହିତ କାହାରି ମନରେ କୌଣସି ପ୍ରକାର ଭୟ ନାହିଁ । ମୋ ପାଇଁ ଏଭଳି ଏକ ଶାନ୍ତିପୂର୍ଣ୍ଣ ସମ୍ମିଳନୀରେ ଯୋଗଦେବା ଏକ ନୂତନ ଅଭିଜ୍ଞତା ଅଟେ ।

★ ହଜୁର ଅନଓ୍ୱର ଅ.ବ କହିଲେ- ଏଥର ବୋଶନିଆରୁ ୪୬ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ଜଲସାରେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୮ଜଣ ଅହେମଦି ଓ ବାକି ପାଖାପାଖି ୨୮ ଜଣଙ୍କୁ ଜମଅତ ସହ ପରିଚିତ କରାଯାଉଥିଲା । ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀମତୀ ଯାସମିନ୍ ସାହେବା କହିଲେ ଜଲସାର ଏଭଳି ବିରାଟ ଆୟୋଜନ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା କି ଏମାନେ କିପ୍ରକାରର ଲୋକ । ଜଲସାର ସମସ୍ତ ବ୍ୟବସ୍ଥାରେ ମୋତେ କୌଣସି ପ୍ରକାରର ତ୍ରୁଟି ମିଳିଲା ନାହିଁ ।

★ ବୋସନିଆ ରୋମାନ କମ୍ୟୁନିଟିର ଜଣେ ସୁପ୍ରସିଦ୍ଧ ରାଜନେତା ଶ୍ରୀମାନ ନେଜାତ ସାହେବ ଯେ କି ଜନସାଧାରଣଙ୍କ ଗହଣରେ ଅତ୍ୟନ୍ତ ବିଜ୍ଞ ବ୍ୟକ୍ତି ତଥା ଟୋଟଲା ସହରର କାଉନସିଲର୍ ମଧ୍ୟ ଅଛନ୍ତି, ସେ କହିଲେ- ସେବକମାନେ ଜଲସାର ସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ଭାବରେ ସମ୍ପାଦନ କରିଛନ୍ତି । ଏହା ପୂର୍ବରୁ ମୁଁ ଏଭଳି ସମ୍ମିଳନୀରେ କଦାପି ଯୋଗଦେଇନଥିଲି । ଏହି ଜଲସା ମୋ ପାଇଁ ବିଭିନ୍ନ ଦିଗରୁ ଶିକ୍ଷଣୀୟ ଅଟେ ।

★ ଜଣେ ଅଣଅହେମଦି ବନ୍ଧୁ ଶ୍ରୀମାନ ମାହେର ସାହେବ ନିଜ ପତ୍ନୀଙ୍କ ସହିତ ନିଜ ଖର୍ଚ୍ଚରେ ଆସି ଜଲସାରେ ଯୋଗଦେଇଥିଲେ । ସେ କହିଲେ ଏଠାରେ ଅତିଥିମାନଙ୍କର ଯେଭଳି ସତ୍କାର କରାଯାଇଛି ଏବଂ ଯେଭଳି ମୋ ସହିତ ପ୍ରେମ ଓ ଭଲପାଇବା ଆଚରଣ କରାଯାଉଛି ମୁଁ ସତ କହୁଛି ଯଦି ଏମାନେ ଆମକୁ ଖୋଲା ଆକାଶ ତଳେ ଶୋଇବାକୁ କୁହନ୍ତି ଓ ଖାଇବାକୁ ଶୁଖିଲା ରୋଟି ଦିଅନ୍ତି ତେବେ ମଧ୍ୟ ଆମ୍ଭେ କୌଣସି ଅଭିଯୋଗ କରିବୁ ନାହିଁ କାରଣ ଯେଉଁ ପ୍ରେମ ଓ ଭଲପାଇବା ଏଠାରେ ଆମକୁ ମିଳିଛି ତାହାର ଉଦାହରଣ ସଂସାରର କୌଣସି ସ୍ଥାନରେ ମିଳୁନାହିଁ ।

★ ଜଣେ ଅତିଥି ଶ୍ରୀମାନ ଅମିର ସାହେବ ଯେ କି ପ୍ରଥମ ଥର ଜଲସାରେ ଯୋଗଦେଇଥିଲେ । ଏଥିରେ ଅତ୍ୟନ୍ତ ପ୍ରଭାବିତ ହୋଇ କହିଲେ ମୁଁ ନିଜ ହୃଦୟର ଭାବ ପ୍ରକାଶ କରିପାରୁ ନାହିଁ ତାହା କେବଳ ଅନୁଭବ କରିହେବ । ତେଣୁ ସମସ୍ତଙ୍କୁ ଆବଶ୍ୟକ କି ଏହି ବୈକୁଣ୍ଠ ପରି ପରିବେଶରେ କିଛି ସମୟ ଅତିବାହିତ କରନ୍ତୁ ଯଦ୍ୱାରା ଉକ୍ତ ବ୍ୟକ୍ତି ମଧ୍ୟରେ ପ୍ରକୃତ ବୈକୁଣ୍ଠ ସମ୍ବନ୍ଧରେ ବିଶ୍ୱାସ ଉତ୍ପନ୍ନ ହେବ ।

★ ହଜୁର ଅନଓ୍ୱର ଅ.ବ କହିଲେ- ଚଳିତ ବର୍ଷ ବୁଲଗେରିଆରୁ ମଧ୍ୟ ୫୨ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ଜଲସାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ୨୦ ଜଣ ଅହେମଦି ଓ ୩୨ ଜଣ ଅଣଅହେମଦି ଥିଲେ । ଯେ କି ବ୍ୟବସାୟୀ, ଓକିଲ, ଛାତ୍ର ତଥା ସାଧାରଣ ଗୋଷ୍ଠୀ ସହ ସମ୍ପର୍କିତ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମହିଳା ଶ୍ରୀମତୀ ଏସ୍ ନୋଓ୍ୱାସ କହିଲେ ମଣିଷ ଯଦି ନିଜ ସ୍ୱଭାବ ପରିବର୍ତନ କରିବାକୁ ଚାହେଁ ତେବେ ଜଲସାରେ ଯୋଗଦେବା ଉଚିତ୍ ।

★ ଜଣେ ଖ୍ରୀଷ୍ଟଧର୍ମୀ ମହିଳା କହିଲେ ଜଲସା ଏକ ଚମତ୍କାର ଅଟେ । ସେ କହିଲେ ଖୁତବା ଜୁମା ମୋତେ ବେଶ୍ ପ୍ରଭାବିତ କରିଛି । ମଣିଷ ପ୍ରେମ, ଦୋଷ ଢାଙ୍କିବା, ପରସ୍ପରର ସାହାଯ୍ୟ କରିବା କାହାର ଦୋଷତ୍ରୁଟି ଅନ୍ୟ କାହାକୁ ନକହିବା ବରଂ ତାହା ପାଇଁ ଦୁଆ କରିବା ଆଦି ଖଲିଫାଙ୍କର ଶିକ୍ଷା ସମ୍ଭବତଃ ସମଗ୍ର ବିଶ୍ୱବାସୀ ଶୁଣନ୍ତେ କି ଯଦି ବିଶ୍ୱବାସୀ ସତ୍ ମାର୍ଗ ଅବଲମ୍ବନ କରିବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ଏହି ବାର୍ତାକୁ ଶୁଣିବାକୁ ହେବ ଏବଂ ଆପଣଙ୍କ ଶିକ୍ଷାକୁ ଗ୍ରହଣ କରିବାକୁ ହେବ ।

★ ହଜୁର ଅନଓ୍ୱର ଅ.ବ କହିଲେ- ଏହା ଜଲସାରେ ଯୋଗଦେଥିବା କିଛି ଅତିଥିମାନଙ୍କ ମତାମତ ଥିଲା ଯାହାକି ମୁଁ ଚର୍ଚ୍ଚା କଲି । ଅଲ୍ଲାଃତାଲାଙ୍କ କୃପାରୁ ଜଲସା ଅନେକଙ୍କ ହୃଦୟ ଖୋଲିଥାଏ । ଅନେକଙ୍କ ସନ୍ଦେହ ଓ ଭ୍ରମ ଧାରଣା ଦୂର ହୋଇଥାଏ । ଇସଲାମର ପ୍ରକୃତ ପ୍ରତିବିମ୍ବ ଲୋକମାନଙ୍କ ଦୃଷ୍ଟିଗୋଚର ହୋଇଥାଏ ।

★ ହଜୁର ଅନଓ୍ୱର ଅ.ବ କହିଲେ- ଏହି ଗସ୍ତରେ ଗୋଟିଏ ମସଜିଦ୍‌ର ସୁଭାରମ୍ଭ କରିବାର ମଧ୍ୟ ସୁଯୋଗ ମିଳିଲା । ଏହାର ଅତିଥିମାନଙ୍କ ଉପରେ ବେଶ୍ ଉତମ ପ୍ରଭାବ ପଡ଼ିଲା ଏବଂ ତାହାର ସେମାନେ ମୁକ୍ତ ଭାବରେ ପ୍ରକାଶ ମଧ୍ୟ କଲେ କି ଏହି ଇସଲାମକୁ ଜର୍ମାନୀରେ ପ୍ରସାରିତ ହେବା ଉଚିତ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୦୧ ସେପ୍ଟେମ୍ବର ୨୦୧୭ ଅନୁଯାୟୀ ୦୧ ତବୁକ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କ କୃପାରୁ M.T.A ମାଧ୍ୟମରେ ସମଗ୍ର ବିଶ୍ୱର ଅହେମଦିମାନେ ଏଭଳି ଏକତ୍ରିତ ଓ ପ୍ରତ୍ୟେକ ବିଷୟରେ ଅବଗତ ହେଲେଣି ଯେ ବର୍ତମାନ ଖଲିଫାଙ୍କ ଗସ୍ତ ଓ ଜମାଅତମାନଙ୍କର କାର୍ଯ୍ୟକ୍ରମ ତଥା ଖବର ଶୁଣିବା ପାଇଁ ସେମାନଙ୍କ ଦିର୍ଘ ସମୟ ପ୍ରତୀକ୍ଷା କରିବା କିମ୍ବା ଜମାଅତର ପତ୍ରିକା, ଖବରକାଗଜ ଆସିବାର ଅପେକ୍ଷା କରିବାକୁ ପଡୁ ନାହିଁ ବରଂ ସଙ୍ଗେସଙ୍ଗେ ପ୍ରତ୍ୟେକ ଖବର ପହଂଚିଯାଉଛି । ପ୍ରତ୍ୟେକ ପ୍ରୋଗ୍ରାମ୍ ଦେଖା ହେଉଛି ବରଂ ଜଲସାର କାର୍ଯ୍ୟକ୍ରମ ଗୁଡିକ

ଓ ପରିବେଶ ସମ୍ବନ୍ଧରେ ଶୁଣିଥିବା ବ୍ୟକ୍ତିମାନଙ୍କ ତରଫରୁ କିଛି ଅବସରରେ ତତ୍‌କ୍ଷଣାତ୍ ପ୍ରୋଗ୍ରାମ୍ ଚାଲିଥିବା ସମୟରେ ହିଁ ଏହାର ସମୀକ୍ଷା କରାଯାଇଥାଏ ।

ସେ ଯାହା ହେଉ ବିଗତ ଦିନ ଯେପରିକି ସମସ୍ତେ ଜାଣନ୍ତି ଜର୍ମାନୀର ଜଲସା ଉଦଯାପିତ ହେଉଥିଲା । ସେଥିସମ୍ବନ୍ଧରେ ଲୋକମାନେ ମଧ୍ୟ ମୋତେ ପତ୍ର ଲେଖୁଛନ୍ତି । ଯେଉଁଆଡ଼େ ମଧ୍ୟ ମୁଁ (ଗସ୍ତରେ) ଯାଏ ଲୋକେ ପତ୍ର ମାଧ୍ୟମରେ ନିଜର ମତ ପ୍ରକାଶ କରିଥାନ୍ତି ଏବଂ ସେଥିରେ ସେମାନଙ୍କ ଭାବପ୍ରବଣତା ସ୍ପଷ୍ଟ ପ୍ରତିଫଳିତ ହୋଉଥାଏ, ମଣିଷ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ ଓ ତାଙ୍କର ଗୁଣଗାନ କରିଥାଏ କି କିପରି ଅଲ୍ଲାଃତାଲା ଏହି ପୁରସ୍କାର ପ୍ରଦାନ କରି ହଜରତ ମସିହ ମଉଦ ଆ.ସଙ୍କ ଜମାଅତର ସଦସ୍ୟଙ୍କ ମଧ୍ୟରେ ଏକତା ସୃଷ୍ଟି କରି ସେମାନଙ୍କୁ ଗୋଟିଏ ମାଳିରେ ଗୁନ୍ଥି ହେବାର ଏକ ସୁନ୍ଦର ଦୃଶ୍ୟ ଦେଖିବାର ସୁବ୍ୟବସ୍ଥା କରିଦେଇଛନ୍ତି । ଏଥିପାଇଁ ଆମ୍ଭକୁ ଯେଉଁସ୍ଥେଳ ଅଲ୍ଲାଃତାଲାଙ୍କ କୃତଜ୍ଞ ହେବା ସେଠାରେ M.T.Aର କର୍ମୀମାନଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଅଲ୍ଲାଃ ସେ ସମସ୍ତ କର୍ମୀମାନଙ୍କୁ ଉତମ ସୁଫଳ ପ୍ରଦାନ କରନ୍ତୁ । ଏହି ଲୋକମାନେ କ୍ୟାମେରାର ପଛରେ ରହି ବା ଟ୍ରାନ୍ସମିଶନ୍‌ରେ ସମ୍ମୁଖରେ ବସିଥାନ୍ତି ବା ଅନ୍ୟାନ୍ୟ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ଷ୍ଟୁଡିଓରେ ଯେଉଁମାନେ ବସିଥିବାର ଦୃଷ୍ଟିଗୋଚର ହୁଅନ୍ତି ସେମାନଙ୍କ ବ୍ୟତୀତ ବହୁତ କର୍ମୀ ଅଛନ୍ତି ଯେ ଗୋଟିଏ ପ୍ରୋଗ୍ରାମ୍‌କୁ ତିଆରି କରିବା ଏବଂ ପଠାଇବା କାମରେ ଲାଗିଥାନ୍ତି । କିଛି କର୍ମୀ ଅଛନ୍ତି ଯେତେବେଳେ ମୁଁ ଗସ୍ତରେ ଯାଏ ସେମାନେ ମଧ୍ୟ ମୋ ସହିତ ଯାଆନ୍ତି । ନିଜ ସାମାନ୍ ଏବଂ ଅପ୍‌ଲିଂକ୍ କରିବାର ସାମାନ୍ ଗୁଡିକ ନେଇ ଯାଆନ୍ତି । ପୁଣି ଯେଉଁ ଦେଶରେ ଏ ପ୍ରୋଗ୍ରାମ୍ ହେଉଥିବ ସେଠିକାର ସ୍ୱେଚ୍ଛାସେବୀ କର୍ମୀମାନେ ମଧ୍ୟ ସାମିଲ୍ ହୋଇଥାନ୍ତି । ଜର୍ମାନୀରେ ମଧ୍ୟ ଏହି ସ୍ୱେଚ୍ଛାସେବକ ଏବଂ ସବୁବେଳ ପାଇଁ କାମ କରିଥିବା ଟିମ୍ ଅଛନ୍ତି ଯେଉଁମାନେ ବହୁତ ଉତ୍ସାହିତ ହୋଇ ବିଭିନ୍ନ ପ୍ରୋଗ୍ରାମ୍ ଉପସ୍ଥାପନ କରୁଛନ୍ତି । ଅଲ୍ଲାଃତାଲା ଏହି ସମସ୍ତ ଲୋକଙ୍କୁ ଉଚିତ୍ ପୁରସ୍କାର ପ୍ରଦାନ କରନ୍ତୁ । ଏବଂ ଏହି ଲୋକମାନେ ଚିଠିରେ ଲେଖୁଛନ୍ତି ଯେ ଅଲ୍ଲାଃତାଲା ଏମ୍.ଟି.ଏ ର କର୍ମୀମାନଙ୍କ ଉପରେ ଫଜଲ୍ କରନ୍ତୁ ଏବଂ ତାଙ୍କୁ ଧନ୍ୟବାଦ ମଧ୍ୟ ଦେଇଥାନ୍ତି ।

ଏହିଭଳି ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମୀମାନେ ସେବା ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି ଏବଂ ଅତିଥିମାନଙ୍କ ସେବାରେ ସେମାନେ ଦିବାରାତ୍ର ଏକ କରିଦେଇଥାନ୍ତି । ବର୍ତମାନ ସେମାନଙ୍କ ସଂଖ୍ୟା ସହସ୍ରରେ ପହଂଚିଗଲାଣି । ଯେଉଁମାନଙ୍କ ମଧ୍ୟରେ ପୁରୁଷ, ମହିଳା, ଯୁବକ, ଯୁବତୀ ଓ ପିଲାମାନେ ରହିଛନ୍ତି । ସେମାନେ ଏଭଳି ମନୋଭାବର ସହିତ କାର୍ଯ୍ୟ କରିଥାନ୍ତି, ଯାହା କେବଳ ଜମାଅତ ଅହେମଦିୟାରେ ଦେଖିବାକୁ ମିଳିଥାଏ । ଯାହାର ଦୃଶ୍ୟ କିଛି ସପ୍ତାହ ପୂର୍ବେ ଆମ୍ଭେ ଏଠି ୟୁ.କେ ର ଜଲ୍‌ସା ସାଲାନାରେ ଦେଖିଥିଲେ ଏବଂ ଏହି ଦୃଶ୍ୟ ଏବେ ଜର୍ମାନୀର ଜଲ୍‌ସା ସାଲାନାରେ ଦେଖିଲେ । ସୁତରାଂ ପ୍ରତ୍ୟେକ ଯୋଗଦାନକାରୀଙ୍କୁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଯାହାକୁ ମୁଁ ସବୁବେଳେ କହି ଆସୁଛି ଯେ ସେମାନେ ଉତ୍ସାହିତ ହୋଇ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ କୌଣସି ଆଶା ନ ରଖି କାମ କରି ଚାଲିଛନ୍ତି । ଏହି କର୍ମୀମାନଙ୍କର ଏହି କାର୍ଯ୍ୟ ଅଣ ଅହେମଦୀ ଅତିଥି ବା ଅଣମୁସଲିମ୍ ଅତିଥିମାନଙ୍କ ନିମନ୍ତେ ଖାମୋସ୍ ତବ୍‌ଲିଗ୍ (କଥା ନ କହି ଧର୍ମ ପ୍ରଚାର କରିବା)ର ମାଧ୍ୟମ ହୋଇଥାନ୍ତି । ଜଲ୍‌ସା ପ୍ରୋଗ୍ରାମ୍ ଗୁଡିକ ଯାହାକୁ ଏମ୍.ଟି.ଏ ରେ ପ୍ରସାରଣ କରାଯାଉଛି ସେ ସମ୍ବନ୍ଧରେ ମଧ୍ୟ ଲୋକମାନେ ନିଜର ମତାମତ ପଠାଇବା ସଙ୍ଗେ ସଙ୍ଗେ ଏହି ପ୍ରୋଗ୍ରାମ୍ ଗୁଡିକରୁ ଲାଭ ମଧ୍ୟ ଉଠାଇ ଚାଲିଛନ୍ତି । କିନ୍ତୁ ଜଲ୍‌ସାକୁ ଆସିଥିବା ବାହାର ଲୋକଙ୍କ ମନୋଭାବ ଏବଂ କର୍ମୀମାନଙ୍କ ସେବା ମନୋଭାବର ପ୍ରକାଶ ନା ତ ଜଲ୍‌ସା ଦିନ ଗୁଡିକରେ ଦେଖାଇ ଦିଆଯାଏ ନା ବତାଇ ଦିଆଯାଏ ନା କୌଣସି ପ୍ରକାରେ ଏହା ଜଣାପଡ଼େ । ଏହି କର୍ମୀମାନେ ଯେଉଁମାନେ ନିଜର କର୍ମ ବ୍ୟତୀତ ଖାମୋସ୍ ତବ୍‌ଲିଗ୍‌ର କାର୍ଯ୍ୟ ମଧ୍ୟ କରୁଥାନ୍ତି ଏହାକୁ ନା ତ ଏମ୍.ଟି.ଏ ର ସ୍କ୍ରିନ୍‌ରେ ଦୃଷ୍ଟିଗୋଚର ହୁଏ ନା ପ୍ରୋଗ୍ରାମ୍‌କୁ ଉପସ୍ଥାପନ କରୁଥିବା ଲୋକେ ଏହାର ହକ୍ ପ୍ରଦାନ କରିପାରିବେ ।

ସେହିପରି ଯୋଗଦାନକାରୀମାନେ ମଧ୍ୟ (ଅଣଅହେମଦି) ଅତିଥିମାନଙ୍କ ଉପରେ ଏକ ଉତମ ପ୍ରଭାବ ଛାଡ଼ିଥାନ୍ତି । ଯାହାର ପ୍ରକାଶ ସେମାନେ ପରବର୍ତୀ ସମୟରେ କରିଥାନ୍ତି । ତେଣୁ ଏହା ଜରୁରୀ ଅଟେ ଯେ ଜଲ୍‌ସା ସାଲାନାର ପ୍ରଭାବର ଏହି ଭାଗକୁ ମଧ୍ୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉ । ତେଣୁ ମୁଁ ଏହାକୁ ଉପସ୍ଥାପନ କରେ ଯଦ୍ୱାରା ଦୁନିଆରେ ଥିବା ଅହେମଦୀମାନଙ୍କୁ ମଧ୍ୟ ଜଣାଯାଉ ଯେ ଜଲ୍‌ସାର ପ୍ରଭାବ କିପରି ଅନ୍ୟମାନଙ୍କ ଉପରେ ଅସାଧାରଣ ପ୍ରଭାବ ପକାଇଥାଏ ଏବଂ ସାମିଲ୍ ହୋଇଥିବା କର୍ମୀମାନଙ୍କୁ ମଧ୍ୟ ଜଣାପଡୁ ଯେ ସେମାନଙ୍କର କାର୍ଯ୍ୟ ଶୈଳୀ କିପରି ନୀରବତାର ସହିତ ଅଣଯମାତ ଲୋକମାନଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାର ନିକଟତର କରୁଅଛି । ବର୍ତମାନ ସେଥ୍‌ ସମ୍ବନ୍ଧରେ ମୁଁ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ମନ୍ତବ୍ୟର ଚର୍ଚ୍ଚା କରିବାକୁ ଯାଉଛି, ଯଦ୍ୱାରା ଜଲସାର ବରକତ ଆମମାନଙ୍କ ଦୃଷ୍ଟିଗୋଚର ହେବ ଓ ତାହା ପୁଣି ଅଲ୍ଲାଃତାଲାଙ୍କ ଅଧିକ କୃତଜ୍ଞ ହେବାର ସୁଯୋଗ ପ୍ରଦାନ କରିବ ଏବଂ ନିଜ ଅବସ୍ଥା ଆହୁରି ଅଧିକ ପରିମାର୍ଜିତ କରିବା ପ୍ରତି ଆମର ଧ୍ୟାନ ଆକର୍ଷିତ ହେବ ।

ଜଣେ ଆରବନିବାସୀ ମୁସଲମାନ ଶ୍ରୀମାନ ଖାଲିଦ ମିୟାଦ ସାହେବ ଯେ ଜରୟ Cross ରେ କାର୍ଯ୍ୟରତ ସେ ଚଳିତ ବର୍ଷ ଜର୍ମାନୀ ଜଲସାରେ ଯୋଗ ଦେଇଥିଲେ । ସେ ନିଜ ମତ ପ୍ରକାଶ କରି କୁହନ୍ତି । ଯେତେବେଳେ ମୁଁ ନିଜ ଅଣ ମୁସଲମାନ ବନ୍ଧୁମାନଙ୍କ ସହ ତର୍କ କରେ ସେମାନଙ୍କ ଇସଲାମ ଉପରେ ଆପତି କରିବାର ଶୁଣି ମୁସମାନମାନଙ୍କ ପାରସ୍ପରିକ କଳହ ଓ ଝଗଡ଼ା ଯୋଗୁଁ ଇସଲାମର ପ୍ରତିରକ୍ଷା କରିପାରି ନାହେଁ । ଆଜି ଏହି ଜଲାସରେ ଆପଣଙ୍କ ଜମାଅତର ସାମୁହିକ ଓ ବ୍ୟକ୍ତିଗତ ଶାନ୍ତି, ପ୍ରେମ ତଥା ପାରସ୍ପରିକ ସହାନୁଭୂତି ଦେଖି ପୁଣି ସଦସ୍ୟମାନଙ୍କର ନିଜ ଖଲିଫାଙ୍କ ପ୍ରତି ପ୍ରେମ ଓ ଆଜ୍ଞାକାରୀତାର ଦୃଶ୍ୟଦେଖି ମୋ ମୁଣ୍ଡ ଗର୍ବରେ ଉଚ୍ଚା ହୋଇଯାଇଛି । ମୁଁ ସ୍ୱଚକ୍ଷୁରେ ଏକ ଏଭଳି ଜମାଅତ ଦେଖିଲି ଯାହାର ସଦସ୍ୟମାନେ ଶାନ୍ତିପ୍ରିୟ ଏବଂ ଯାହାଙ୍କ ସାମୁହିକ ସମ୍ମିଳନୀ ବେଶ୍ ଚିତାକର୍ଷକ ଅଟେ । ସେ କୁହନ୍ତି ବର୍ତମାନ ମୁଁ ଆପଣମାନଙ୍କ ଉଦାହରଣ ନିଜ ଅଣମୁସଲମାନ ବନ୍ଧୁମାନଙ୍କୁ ଦେଇ ଇସଲାମ ଉପରେ ସେମାନଙ୍କ ଆପତିର ପ୍ରତିରକ୍ଷା କରିପାରିବି ।

ଜଣେ ଜର୍ମାନୀ ବନ୍ଧୁ ଶ୍ରୀମାନ ମଶାଇଲ୍ ଫେଚର ସାହେବ ଜଲସାରେ ଯୋଗଦେଇଥିଲେ । ସେ କହିଲେ ମୁଁ ଏହି ଜଲସାରେ ଯୋଗଦେବା ପୂର୍ବରୁ ଖବର କାଗଜରେ ପଢୁଥିଲି ଯେ ଅହେମଦିମାନେ ଶାନ୍ତିପ୍ରିୟ ଅଟନ୍ତି କିନ୍ତୁ ମୋ ହୃଦୟରେ ଏକଥା ଉଙ୍କିମାରୁଥିଲା କି ଏପରି ଆହୁର ଅନେକ ଗୋଷ୍ଠୀ ମଧ୍ୟ ଶାନ୍ତିପ୍ରିୟ ହେବାର ଘୋଷଣା କରୁଛନ୍ତି । କିନ୍ତୁ ଏଠାକୁ ଆସି ଏଭଳି ବଡ଼ ଧରଣର ସମ୍ମିଳନୀ ଏପରି ଶାନ୍ତିପୂର୍ଣ୍ଣ ଢଙ୍ଗରେ ଆୟୋଜନ ହେବା ସ୍ୱଚକ୍ଷୁରେ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା । ନଚେତ୍ ଯଦି କୌଣସି ସ୍ଥାନରେ ୫୦୦ ଲୋକ ଏକତ୍ର ହୋଇଗଲେ ପରସ୍ପର ମଧ୍ୟରେ ଝଗଡ଼ା ହୋଇଯାଇଥାନ୍ତି । ସେ କୁହନ୍ତି ମୁଁ ଜଲସାରେ ଯୋଗଦେଇ ଆପଣମାନଙ୍କର ଶାନ୍ତିପୂର୍ଣ୍ଣ ପରିବେଶ ଦେଖି ଆପଣଙ୍କ ଶାନ୍ତିପ୍ରିୟ ହେବା ପ୍ରତି ସହମତି ପ୍ରକାଶ କରୁଅଛି । ପୁଣି ଜଣେ ଜର୍ମାନୀ ମହିଳା ମାରାସଉ ଗାଲା ଯାହାଙ୍କ ସମ୍ପର୍କ ଯମାତ୍ ସହିତ ଅଛି ଯେ ଜଲ୍‌ସା ସମୟରେ ବୟତ୍ ପ୍ରୋଗ୍ରାମ୍‌କୁ ଦେଖିଲେ ଏବଂ କହିଲେ ଯେ ମୋର ଯେଉଁ ପ୍ରଶ୍ନଗୁଡିକ ଥିଲା ତାହା ଗୋଟି ଗୋଟି କରି ସମାଧାନ ହୋଇଯାଇଛି ମୋତେ ଲାଗୁଛି ଯେପରି ମୁଁ ଏବେ ଆଉ ଅଧିକ ସମୟ ଅତିଥି ହୋଇ ଆସିବି ନାହିଁ ବରଂ ଏବେ ମୋ ଇଛା ଯେ ମୁଁ ନିଜେ ବୟତ୍ କରି ଏହି ଯମାତ୍‌ରେ ସାମିଲ୍ ହୋଇଯିବି ।

ଜଣେ ମହିଳା ମାରିୟା ଜୋଜେ ସାହେବା ଯେ ଉତର ଆମେରିକା ନିବାସୀ ଅଟନ୍ତି । ସେ କହିଲେ ଏଠାକୁ ଆସି ମୁଁ ଆଚମ୍ଭିତ, ଏଭଳି ଭିନ୍ନ ଗୋଷ୍ଠୀ, ଜାତ, ଭାଷା, ବର୍ଣ୍ଣର ଲୋକେ ପରସ୍ପର ସହ ମିଳିତ ଭାବରେ ଏକାଠି ରହୁଛନ୍ତି ଏବଂ ପ୍ରତ୍ୟେକ ସ୍ଥାନରେ ଶାନ୍ତି ଓ ପ୍ରେମର ବାତାବରଣ ତଥା ସମସ୍ତେ ପୂର୍ଣ୍ଣ ସନ୍ତୋଷଚିତ ଲାଭ କରିବା ସହିତ କାହାରି ମନରେ କୌଣସି ପ୍ରକାର ଭୟ ନାହିଁ । ମୋ ପାଇଁ ଏଭଳି ଏକ ଶାନ୍ତିପୂର୍ଣ୍ଣ ସମ୍ମିଳନୀରେ ଯୋଗଦେବା ଏକ ନୂତନ ଅଭିଜ୍ଞତା ଅଟେ । ବର୍ତମାନ ମୋର ଇଚ୍ଛା ବରଲିନ ଫେରି ସେଠାରେ ମସଜିଦ୍ (ଅହେମଦିୟା) ସହ ସମ୍ପର୍କ ଯୋଡ଼ି ତାହାକୁ ଆହୁରି ମଜବୁତ୍ କରିବି । ଆପଣଙ୍କ ସହ ସାକ୍ଷାତ କରି ମୋତେ ସନ୍ତୋଷ ଲାଭ ହୋଇଛି ।

ମେସିଡ଼ୋନିୟାର ଏକ ସମାଜ କଲ୍ୟାଣ ବିଭାଗରେ କାର୍ଯ୍ୟରତ ତିନି ଜଣ ମହିଳା ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲେ ଯେ ଆମ ଚାରିପାଖରେ ସେଠି ମେସିଡ଼ୋନିୟାରେ ବହୁତ ମୁସଲ୍‌ମାନ ରହୁଛନ୍ତି କିନ୍ତୁ ଇସ୍‌ଲାମ୍‌ର ଏପରି କିସମ ଏବଂ ଏପରି ସାମାଜିକ ପରିପ୍ରକାଶ ଆମପାଇଁ ସମ୍ପୂର୍ଣ୍ଣ ରୂପେ ଅବିଶ୍ୱସନୀୟ ପ୍ରମାଣିତ ହେଲା । ମୁଁ ଆପଣଙ୍କ ଜମାଅତର ସଦସ୍ୟ, ଶିକ୍ଷା ଓ ନେତୃତ୍ୱକୁ ଦେଖିଲି ଆମେ ଏହି ମତ ଓ ଭାବନା ନେଇ ଫେରୁଛୁ କି ନିଜ ଅଂଚଳରେ ମୁସଲମାନମାନଙ୍କୁ ଆପଣଙ୍କ ଜମାଅତ ସମ୍ବନ୍ଧରେ ଅବଗତ କରାଇବୁ କି ଏହି ଜମାଅତ ଓ ଆପଣମାନଙ୍କ ଜଲସା

ଅନ୍ୟମୁସଲମାନମାନଙ୍କ ପାଇଁ ଉଦାହରଣ ଅଟେ । ଏହି ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ଏଭଳି ସୁନ୍ଦର ବ୍ୟବସ୍ଥା ସମ୍ବଳିତ ଜମାଅତ ପାଇଁ ଉପଯୁକ୍ତ କି ଏମାନେ ଆନ୍ତର୍ଜାତିୟ ସ୍ତରରେ ମୁସଲମାନମାନଙ୍କ ନେତୃତ୍ୱ ନେବା ଉଚିତ୍ ।

ଲେଟୋୟାରୁ ଆସିଥିବା ଜଣେ ଖ୍ରୀଷ୍ଟିଆନ୍ ବନ୍ଧୁ ମେକାଲର୍ ସାହେବ୍ ଯିଏ ଜଣେ ଶିକ୍ଷାର୍ଥୀ ଅଟନ୍ତି ଏବଂ ଧର୍ମ ଉପରେ ରିସର୍ଚ କରିବାକୁ ମନୋ ବଳାଇଛନ୍ତି ସେ କହୁଛନ୍ତି ଯେ ଧର୍ମ ପ୍ରତି ମୋର ଗଭୀର ଇଛା ଅଛି । ସେଥିଯୋଗୁଁ ମୁଁ ଆପଣଙ୍କ ଯମାତ୍‌ର ଶିକ୍ଷା ଗୁଡିକୁ ପଢ଼ିଲି । କିନ୍ତୁ ବର୍ତମାନ ମୁଁ ଏହି ଶିକ୍ଷାଗୁଡିକୁ କାର୍ଯ୍ୟରେ ପରିଣତ ହେବାର ଦେଖୁଅଛି । ମୋତେ ଆପଣମାନଙ୍କର ଶିକ୍ଷା ଏବଂ କାର୍ଯ୍ୟଶୈଳୀ ଯୁକ୍ତିଯୁକ୍ତ ଲାଗୁଅଛି । ମୁଁ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ଆଧାତ୍ମିକ ସଦିଛାକୁ ଅନୁଭବ କଲି ।

ଲେଟୋୟାରୁ ଆସିଥିବା ଜର୍ମାନୀ ମହିଳା ଶ୍ରୀମାନ ଆଗସତନ ସାହେବ, ଲେଖିଛନ୍ତି ମୁଁ ବିଗତ ଛ'ମାସ ହେଲା ଇସଲାମର ବିଭିନ୍ନ ଗୋଷ୍ଠୀ ସମ୍ବନ୍ଧରେ ଏକ Project ରେ କାମ କରୁଅଛି । ଏହି କାର୍ଯ୍ୟରେ ମୁଁ ଇସତମ୍ବୁଲ୍ (ସହର) ଯାଇଥିଲି, ସେଠାରେ ବିଭିନ୍ନ ମୁସଲମାନ ଗୋଷ୍ଠୀଙ୍କ ସହ ସାକ୍ଷାତ କଲି କିନ୍ତୁ ଏଠାରେ ଇମାମ ଜମାଅତଙ୍କୁ ଦେଖି ହୃଦୟର ଅବସ୍ଥା ବର୍ଣ୍ଣନା କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ ।

ଲେଟୋୟାରୁ କୁରତବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଲୋ ଲି ଡ୍ୟାସ ସାହେବ ଜଲ୍‌ସାରେ ଯୋଗଦେଇଥିଲେ । ସେ ନିଜ ମନ୍ତବ୍ୟ ପ୍ରକାଶ କରି ଲେଖିଲେ ଜୀବନରେ ପ୍ରଥମ ଥର ମୁସଲମାନମାନଙ୍କ ଏଭଳି ସମ୍ମିଳନୀରେ ଯୋଗ ଦେଇଛି । ଯେତେବେଳେ ମୁଁ ଇମାମ ଜମାଅତଙ୍କୁ ନିକଟରୁ ଦେଖିଲି ତାହା ମୋ ପାଇଁ ଭିନ୍ନ ଅଭିଜ୍ଞତା ଥିଲା । ତାହାର ପ୍ରଭାବ ମୋର ଜୀବନ ସାରା ମନେରହିବ । ମୋର ଭାବନା ଓ ମୋର ଶବ୍ଦଗୁଡିକ ମୁଁ ବାକ୍ୟରେ ପରିଣତ କରିପାରୁନାହିଁ । ମୋର ବିଶ୍ୱାସ ଯେ ଏହି ଯମାତ୍ ଏବଂ ଏହି ଯମାତ୍‌ର ଖଲିଫା ଅନ୍ୟ ମୁସଲମାନଙ୍କଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟନ୍ତି ଏବଂ ମୁଁ ଏହି ଫରକକୁ ନିଜ ଆତ୍ମା ଦ୍ୱାରା ଅନୁଭବ କରୁଅଛି । ପ୍ରତ୍ୟେକ ଅହେମଦୀ ତାଙ୍କ ଉପରେ ଏପରି ପ୍ରଭାବ ପକାଇଥିବେ ଯେଉଁମାନେ ସେଠାରେ ସାମିଲ୍ ହୋଇଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଥର ବୋଶନିଆରୁ ୪୬ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ଜଲ୍‌ସାରେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୮ଜଣ ଅହେମଦି ଓ ବାକି ପାଖାପାଖି ୨୮ ଜଣଙ୍କୁ ଜମଅତ ସହ ପରିଚିତ କରାଯାଉଥିଲା । ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀମତୀ ୟାସମିନ୍ ସାହେବା ଯିଏ ଜଣେ ଏନ୍.ଜି.ଓ ର ସଭାପତି ମଧ୍ୟ ଅଟନ୍ତି । ତାଙ୍କର କିଛିଦିନ ପୂର୍ବରୁ ଯମାତ ସହିତ ପରିଚିତ ହୋଇଥିଲା ଓ ସେ ଏହି ଜଲ୍‌ସାରେ ସାମିଲ୍ ହେଲେ । ନିଜ କାର୍‌ରେ ସେ ୧୨୦୦ କି.ମି. ଯାତ୍ରା କରି ଏଠାକୁ ଆସିଛନ୍ତି । ସେ କହିଲେ ଜଲ୍‌ସାର ଏଭଳି ବିରାଟ ଆୟୋଜନ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା କି ଏମାନେ କିପ୍ରକାରର ଲୋକ । ଜଲ୍‌ସାର ସମସ୍ତ ବ୍ୟବସ୍ଥାରେ ମୋତେ କୌଣସି ପ୍ରକାରର ତ୍ରୁଟି ମିଳିଲା ନାହିଁ । ସୁତରାଂ ଏହା ସବୁ କାର୍‌କୁନ୍ (କର୍ମୀ) ମାନଙ୍କ ସେବାର ପ୍ରଭାବ ଅଟେ ଯାହା ଅନ୍ୟମାନଙ୍କୁ ପ୍ରଭାବିତ ନ କରି ରହିପାରେନାହିଁ ।

ବୋସନିଆ ରୋମାନ କମ୍ୟୁନିଟିର ଜଣେ ସୁପ୍ରସିଦ୍ଧ ରାଜନେତା ଶ୍ରୀମାନ ନେଜାତ ସାହେବ ଯେ କି ଜନସାଧାରଣଙ୍କ ଗହଣରେ ଅତ୍ୟନ୍ତ ବିଜ୍ଞ ବ୍ୟକ୍ତି ତଥା ଟୋତଲା ସହରର କାଉନସିଲର୍ ମଧ୍ୟ ଅଛନ୍ତି, ସେ କହିଲେ- ସେବକମାନେ ଜଲ୍‌ସାର ସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ଭାବରେ ସମ୍ପାଦନ କରିଛନ୍ତି । ଏହା ପୂର୍ବରୁ ମୁଁ ଏଭଳି ସମ୍ମିଳନୀରେ କଦାପି ଯୋଗଦେଇନଥିଲି । ଏହି ଜଲ୍‌ସା ମୋ ପାଇଁ ବିଭିନ୍ନ ଦିଗରୁ ଶିକ୍ଷଣୀୟ ଅଟେ । କର୍ମୀମାନଙ୍କ ନିଷ୍ଠା ଦେଖି ମୁଁ ଏହା ବୁଝିଲି ଯେ ଲୋକେ ବିଶ୍ୱାସରେ ମଜବୁତ୍ ଅଛନ୍ତି । ସେମାନଙ୍କ କହିବା ଓ କରିବା ମଧ୍ୟରେ ସମନ୍ୱୟ ହେବା ସେମାନଙ୍କ ଉନ୍ନତିର ରହସ୍ୟ ଅଟେ । ଏମାନଙ୍କ ମଧ୍ୟରେ ଏହି ଅବସ୍ଥା ସୃଷ୍ଟି ହେବାର କାରଣ ସେମାନଙ୍କର ନିଜ ଖଲିଫାଙ୍କ ସହିତ ଜଡ଼ିତ ରହିବା ଅଟେ । ସୁତରାଂ ଯେତେବେଳେ ଏହି ଲୋକମାନେ ସାମିଲ୍ ହେଉଛନ୍ତି ତେବେ ଖିଲାଫତ୍ ବିଷୟରେ ତାଙ୍କ ମୁଣ୍ଡରେ ଯେଉଁ ଭୁଲ୍ ଧାରଣା ଅଛି ଏବଂ ଯେଉଁ ଭୟ ଅଛି ତାହା ସବୁ ଦୂର ହୋଇଯାଉଛି । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ଏବଂ କର୍ମୀମାନଙ୍କୁ ଦରକାର୍ ଯେ ସେହି ପ୍ରଭାବକୁ ସବୁବେଳ ପାଇଁ କାଏମ୍ ରଖନ୍ତୁ ଏବଂ ତାର ସୁରକ୍ଷା ମଧ୍ୟ କରନ୍ତୁ ।

ଜଣେ ଅଣଅହେମଦି ବନ୍ଧୁ ଶ୍ରୀମାନ ମାହେର ସାହେବ ନିଜ ପତ୍ନୀଙ୍କ ସହିତ ନିଜ ଖର୍ଚ୍ଚରେ ଆସି ଜଲ୍‌ସାରେ ଯୋଗଦେଇଥିଲେ । ସେ କହିଲେ ଏଠାରେ ଅତିଥିମାନଙ୍କର ଯେଭଳି ସତ୍କାର କରାଯାଇଛି ଏବଂ ଯେଭଳି ମୋ ସହିତ ପ୍ରେମ ଓ ଭଲପାଇବା ଆଚରଣ କରାଯାଉଛି ମୁଁ ସତ କହୁଛି ଯଦି ଏମାନେ ଆମକୁ ଖୋଲା ଆକାଶ ତଳେ ଶୋଇବାକୁ କୁହନ୍ତି ଓ ଖାଇବାକୁ ଶୁଖିଲା ରୋଟି ଦିଅନ୍ତି ତେବେ ମଧ୍ୟ ଆମ୍ଭେ କୌଣସି ଅଭିଯୋଗ କରିବୁ ନାହିଁ କାରଣ ଯେଉଁ ପ୍ରେମ ଓ ଭଲପାଇବା ଏଠାରେ ଆମକୁ ମିଳିଛି ତାହାର ଉଦାହରଣ ସଂସାରର କୌଣସି ସ୍ଥାନରେ ମିଳୁନାହିଁ ।

ପୁଣି ବୋସ୍‌ନିଆର ଜଣେ ମହିଳା ଅତିଥି ଦିଆନା ସାହିବା ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଜଣେ ନର୍ସ ଅଟନ୍ତି । ଯମାତ୍ ସହିତ ତାଙ୍କର ପାରିବାରିକ ସମ୍ପର୍କ ଅଛି । ସ୍ୱାମୀ ଏବଂ ପୁଅ ସହିତ ବୋସ୍‌ନିଆରେ ଯମାତି ପ୍ରୋଗ୍ରାମ୍‌ରେ ସାମିଲ୍ ହୁଅନ୍ତି ଏବଂ ବହୁତ ସାହାଯ୍ୟ ମଧ୍ୟ କରନ୍ତି । ସେ ନିଜ ସ୍ୱାମୀ ଏବଂ ନିଜ ମା' ବାପାଙ୍କ ସହିତ ନିଜର ଯାତ୍ରା ଖର୍ଚ୍ଚକୁ ନିଜେ ବହନ କରି ଏଠାକୁ ଆସିଛନ୍ତି । କହନ୍ତି ଜଲ୍‌ସାର ପ୍ରତ୍ୟେକ ପ୍ରୋଗ୍ରାମ୍ ଅତ୍ୟନ୍ତ ସୁନ୍ଦର ରୂପେ ସମ୍ପାଦନ କରାଯାଇଛି । ଏହି ନିଷ୍ଠାପର କର୍ମୀମାନଙ୍କୁ ଦେଖି ଆମକୁ ଲଜ୍ଜା ଅନୁଭବ ହେଉଛି ଯେ ଏହି ଲୋକମାନେ ଆମପାଇଁ କଷ୍ଟ ସହ୍ୟ କରୁଛନ୍ତି ।

ଜଣେ ଅତିଥି ଶ୍ରୀମାନ ଅମିର ସାହେବ ଯେ କି ପ୍ରଥମ ଥର ଜଲ୍‌ସାରେ ଯୋଗଦେଇଥିଲେ । ଏଥିରେ ଅତ୍ୟନ୍ତ ପ୍ରଭାବିତ ହୋଇ କହିଲେ ମୁଁ ନିଜ ହୃଦୟର ଭାବ ପ୍ରକାଶ କରିପାରୁ ନାହିଁ ତାହା କେବଳ ଅନୁଭବ କରିହେବ । ତେଣୁ ସମସ୍ତଙ୍କୁ ଆବଶ୍ୟକ କି ଏହି ବୈକୁଣ୍ଠ ପରି ପରିବେଶରେ କିଛି ସମୟ ଅତିବାହିତ କରନ୍ତୁ ଯଦ୍ୱାରା ଉକ୍ତ ବ୍ୟକ୍ତି ମଧ୍ୟରେ ପ୍ରକୃତ ବୈକୁଣ୍ଠ ସମ୍ବନ୍ଧରେ ବିଶ୍ୱାସ ଉତ୍ପନ୍ନ ହେବ ।

ଆମମାନଙ୍କ ମଧ୍ୟରୁ ଯେଉଁମାନେ କିଛି ସମସ୍ୟା ସୃଷ୍ଟି କରୁଛନ୍ତି ନିଜ ଭିତରେ ଶତୃତା ଏବଂ ଝଗଡ଼ା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଏହି ଅତିଥିମାନଙ୍କର ମନୋଭାବ ଏବଂ ମତାମତ ଶୁଣି ଲଜ୍ଜା ଲାଗିବା ଉଚିତ୍ । ଏବଂ ସେମାନଙ୍କୁ ସର୍ବଦା ଜଣକୁ ଅନ୍ୟଜଣକ ସହିତ ପ୍ରେମ ଓ ଭାଇଚାରା ସହିତ ବ୍ୟବହାର କରିବା ଉଚିତ୍ ।

ଚଳିତ ବର୍ଷ ବୁଲଗେରିୟାରୁ ମଧ୍ୟ ୫୨ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ଜଲ୍‌ସାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ୨୦ ଜଣ ଅହେମଦି ଓ ୩୨ ଜଣ ଅଣଅହେମଦି ଥିଲେ । ଯେ କି ବ୍ୟବସାୟୀ, ଓକିଲ, ଛାତ୍ର ତଥା ସାଧାରଣ ଗୋଷ୍ଠୀ ସହ ସମ୍ପର୍କିତ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମହିଳା ଶ୍ରୀମତୀ ଏସ୍ ନୋଭ୍ୱାସ କହିଲେ ମୁଁ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ୍ ହୋଇଅଛି । ବୁଲ୍‌ଗେରିଆର ଅହେମଦୀମାନଙ୍କଠାରୁ ଜଲ୍‌ସା ବିଷୟରେ କିଛି ଶୁଣିଥିଲି । ସେଠି କେତେ ଜାତିର ଲୋକ ଏକତ୍ରିତ ହୋଇଥିଲେ । ପ୍ରତ୍ୟେକଙ୍କୁ ଜଣେ ଅନ୍ୟ ଜଣଙ୍କ ନିମନ୍ତେ ସମ୍ମାନ ଏବଂ ପ୍ରେମର ସହିତ ମିଳୁଥିଲା । ମଣିଷ ଯଦି ନିଜ ସ୍ୱଭାବ ପରିବର୍ତନ କରିବାକୁ ଚାହେଁ ତେବେ ଜଲ୍‌ସାରେ ଯୋଗଦେବା ଉଚିତ୍ । ମୁଁ ଏଠାକୁ ଆସି ବହୁତ କିଛି ସିଖିବାକୁ ପାଇଲି । ଦୁଇଟି ଜିନିଷର ଚର୍ଚ୍ଚା କରିବା ଅତ୍ୟନ୍ତ ଜରୁରି ପ୍ରଥମ ଏଠାରେ ଅଲ୍ଲାଃତାଲାଙ୍କ ସହ ପ୍ରେମ କରିବାର ଦ୍ୱିତୀୟରେ ପରସ୍ପରକୁ ଭଲପାଇବା, ଆଦର ଓ ସମ୍ମାନ କରିବାର ଶିକ୍ଷା ଦିଆଯାଇଛି । ବୁଲ୍‌ଗେରିଆ ମଧ୍ୟ ଏପରି ଦେଶ ଯେଉଁଠି ଯମାତ୍‌ର ରେଜିଷ୍ଟ୍ରେସନ୍‌କୁ ମନ୍‌ସୁଖ୍ (ବହିଷ୍କାର) କରାଯାଇଛି । ସେଠାରେ ଯେଉଁ ଗଏର୍ ଅହେମଦୀ ଓ୍ୱଲେମା ଅଛନ୍ତି ସେମାନଙ୍କ ତରଫରୁ ଭିଷଣ ବିରୋଧ କରାଯାଉଛି ଯେଉଁଥିପାଇଁ ସରକାର ମଧ୍ୟ ପ୍ରଭାବିତ ହେଉଛି । ତେଣୁ ବୁଲ୍‌ଗେରିଆ ଯମାତ୍ ନିମନ୍ତେ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ସେଠିକାର ଅବସ୍ଥାକୁ ସୁଧାରି ଦିଅନ୍ତୁ ଏବଂ ଯମାତ୍‌ର ପୁନର୍ବାର ରେଜିଷ୍ଟ୍ରେସନ୍ ହୋଇଯାଉ । ଫଳତଃ ଆମକୁ ଖୋଲାଖୋଲି ଭାବେ ତବ୍‌ଲିଗ୍ କରିବା ଏବଂ ଯମାତ୍‌ର କାର୍ଯ୍ୟକଳାପକୁ ସମ୍ପାଦନ କରିବା ପାଇଁ ଅଲ୍ଲାଃତାଲା ପୁନର୍ବାର ଶକ୍ତି ପ୍ରଦାନ କରନ୍ତୁ ।

ଉକ୍ତ ଦଳର ଜଣେ ବ୍ୟକ୍ତି ଶ୍ରୀମାନ ଫଫ୍‌କଓ୍ୱାଲ ସାହେବ କହିଲେ କେବଳ ଅହେମଦିମାନେ ଏଭଳି ଅଟନ୍ତି ଯେ ପ୍ରକୃତରେ ଶାନ୍ତିପ୍ରିୟ ଓ ଅନ୍ୟର ସମ୍ମାନ କରିବା ତଥା ସଂସାରକୁ ବୈକୁଣ୍ଠ କରିବାକୁ ଚାହୁଁଛନ୍ତି । ଏଠାରେ ପ୍ରକୃତରେ ଜୀବନର ପ୍ରକାଶ ମିଳିଥାଏ । ଏପରି ପ୍ରକାଶ ଯାହାକି ମଣିଷକୁ ଜୀବନ ପ୍ରଦାନ କରିଥାଏ । ବର୍ତମାନ ମୁଁ ନିଜର ସାରା ଜୀବନ ଲୋକମାନଙ୍କୁ ଏକଥା କହିବାରେ ଅତିବାହିତ କରିବି କି ପ୍ରକୃତ ଇସଲାମ ଅହେମଦିୟତ ଅଟେ । ଯାହାକି ସଂସାରରେ ଶାନ୍ତି ପ୍ରତିଷ୍ଠା କରିବାରେ ଚେଷ୍ଟାରତ ।

ଜଣେ ଖ୍ରୀଷ୍ଟଧର୍ମୀ ମହିଳା ଡ଼ିସ୍‌ସିଲାୟା ସାହିବା ଯିଏ ସାଇକୋଲୋଜିର ଲେକ୍‌ଚର ଅଛନ୍ତି କହୁଛନ୍ତି ଯେ ମୁଁ ପ୍ରଥମ ଥର ପାଇଁ ଏହି ଜଲ୍‌ସାରେ ସାମିଲ୍ ହୋଇଛି ଏବଂ କହିଲେ ଜଲ୍‌ସା ଏକ ଚମ୍ତାକର ଅଟେ । ଏଠି ପ୍ରେମ ଶାନ୍ତି ଏବଂ ସମ୍ମାନ ମିଳିଥାଏ । ମୁଁ

ଏଠାରେ କୌଣସି ଝଗଡ଼ା ଦେଖିଲି ନାହିଁ । ସମସ୍ତେ ଜଣେ ଅନ୍ୟଜଣଙ୍କର ସେବା କରୁଥିଲା ଏବଂ ହସ ହସ ମୁଖରେ ଅନେକ ସହିତ ମିଶୁଥିଲା । ମୁଁ ପରହେଜି ଖାଦ୍ୟ ଖାଏ । ହଜାର୍ ହଜାର୍ ଲୋକମାନଙ୍କ ମଧ୍ୟରେ ମୋତେ ପରହେଜି (ପଥ୍ଯ) ଖାଦ୍ୟ ଦିଆଯାଉଥିଲା । ଯେତେବେଳେ ବେମାର୍ ହେଉଥିଲି ସଙ୍ଗେସଙ୍ଗେ ଔଷଧ ଦିଆଯାଉଥିଲା । କେହି ଭିଆଇପି ନଥିଲେ, ସମସ୍ତେ ସମାନ ଥିଲେ । ସେ କହିଲେ ଖୁତବା ଜୁମା ମୋତେ ବେଶ୍ ପ୍ରଭାବିତ କରିଛି । ମଣିଷ ପ୍ରେମ, ଦୋଷ ଢାଙ୍କିବା, ପରସ୍ପରର ସାହାଯ୍ୟ କରିବା କାହାର ଦୋଷତ୍ରୁଟି ଅନ୍ୟ କାହାକୁ ନକହିବା ବରଂ ତାହା ପାଇଁ ଦୁଆ କରିବା ଆଦି ଖଲିଫାଙ୍କର ଶିକ୍ଷା ସମ୍ଭବତଃ ସମଗ୍ର ବିଶ୍ୱବାସୀ ଶୁଣନ୍ତେ କି ଯଦି ବିଶ୍ୱବାସୀ ସତ୍ ମାର୍ଗ ଅବଲମ୍ବନ କରିବାକୁ ଚାହୁଛନ୍ତି ତେବେ ସେମାନଙ୍କୁ ଏହି ବାର୍ତ୍ତାକୁ ଶୁଣିବାକୁ ହେବ ଏବଂ ଆପଣଙ୍କ ଶିକ୍ଷାକୁ ଗ୍ରହଣ କରିବାକୁ ହେବ ।

ଗିନିବସାଓ ସହିତ ସମ୍ପର୍କ ରଖିଥିବା ଜଣେ ଯୁବକ ଅବୁବକର୍ ସାହେବ୍ ପର୍ତ୍ତୁଗାଲ୍‌ରେ ପବ୍ଲିକ୍ ସୁକ୍ୟୁରିଟିରେ ୟୁନିଭର୍ସିଟିରେ ଏମ୍.ଏ କରୁଛନ୍ତି । ସେ କହୁଛନ୍ତି ଯେ ମୁଁ ଏହି ଜଲ୍‌ସାରେ ସୁକ୍ୟୁରିଟି ବାବଦରେ ଯେଉଁ ବ୍ୟବସ୍ଥା ଦେଖିଲି ତାହା ବହୁତ ଉତମ ଏବଂ ଏକକ ଥିଲା । ୪୦ ଲକ୍ଷ୍ୟ ଲୋକଙ୍କୁ ସମ୍ଭାଳିବା ଏବଂ ତାହା ବିନା ପୋଲିସ୍ ସାହାଯ୍ୟରେ ଏହା ତାଙ୍କ ପାଇଁ ଗୋଟିଏ ଅସାଧାରଣ କଥା ଥିଲା । ଏତେବଡ଼ ଜନସମୁହକୁ ସମ୍ଭାଳିବା ଗୋଟିଏ ପ୍ରଦେଶ ପାଇଁ ମଧ୍ୟ କଷ୍ଟକର ବ୍ୟାପାର । ଲଢ଼ାଇ, ଝଗଡ଼ା, ମାଡପିଟି ଏବଂ ଦଙ୍ଗା ଫିସାଦ କିଛି ନା କିଛି ଘଟଣା ହୋଇଯାଇଥାଏ । କିନ୍ତୁ ଏଠି ମୋତେ ଜଲ୍‌ସା ସାଲାନାରେ ପୋଲିସ୍‌ର କୌଣସି ସଦସ୍ୟ ମଧ୍ୟ ଦୃଷ୍ଟିଗୋଚର ହେଲାନାହିଁ । ପୁଣି କାହାକୁ ମୁଁ ଝଗଡ଼ା କରିବାର ମଧ୍ୟ ଦେଖିଲି ନାହିଁ ବରଂ ପ୍ରତ୍ୟେକ ବ୍ୟକ୍ତି ପ୍ରେମ ଏବଂ ଭାଇଚାରାର ଭାବନାରେ ଲିପ୍ତ ଥିଲେ । ଏହି କଥା ମୋ ହୃଦୟରେ ବହୁତ ପ୍ରଭାବ ପକାଇଲା ।

ହଜୁର ଅନଓ୍ୱର ଅ.ବ କହିଲେ- ମେସିଡ଼ୋନିଆରୁ ୬୫ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ଜଲସାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଚାରି ଜଣ ବିଭିନ୍ନ ଟେଲିଭିଜନର ପ୍ରତିନିଧି ଓ ୫ଜଣ ଲେଖକ ଥିଲେ, ତିନି ଜଣ ଆଂଚଳିକ ଟେଲିଭିଜନର ପ୍ରତିନିଧି ଥିଲେ । ଜଣେ ଜାତୀୟ ଟେଲିଭିଜନର ପ୍ରତିନିଧି ଥିଲେ । ଲେଖକମାନେ ଜଲସା ସମୟରେ କାର୍ଯ୍ୟକ୍ରମଗୁଡ଼ିକର ରେକଡ଼ିଙ୍ଗ କରିବା ସହିତ ବିଭିନ୍ନ ଲୋକମାନଙ୍କ ମତାମତ ମଧ୍ୟ ନେଲେ । ସେମାନଙ୍କର ୨୮ ତାରିଖ ଦିନ ମୋ ସହ ସାକ୍ଷାତ ଥିଲା । ସାକ୍ଷାତରେ ସେମାନେ କହିଲେ ଆମେ ଯେଉଁ ରେକଡ଼ିଙ୍ଗ କଲୁ ଏହାର ଡ଼କୁମେନଟାରୀ ଦେଖାଇବୁ । ସେମାନଙ୍କ ମଧ୍ୟରେ ୩୨ଜଣ ଖ୍ରୀଷ୍ଟଧର୍ମୀ, ୨୩ଜଣ ଅହେମଦି ଓ ୧୦ଜଣ ଅଣଅହେମଦି ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଜଲସାର ଅନ୍ତିମ ଦିନ ବୟତ କରିନେଲେ ।

ମେସିଡ଼ୋନିୟାରୁ ଆସିଥିବା ଜଣେ ମହିଳା କହିଲେ ଖଲିଫାଙ୍କ ବକ୍ତୃତା ମୋ ଉପରେ ଗଭୀର ପ୍ରଭାବ ପକାଇଛି । ମୋତେ ଏହି ବକ୍ତୃତାରୁ ଜଣାପଡ଼ିଲା ଯେ ଇସଲାମର ପ୍ରକୃତ ଅର୍ଥ ଶାନ୍ତି ନା କି ଯୁଦ୍ଧ । ଯଦି ଆମେ ଏହି ଶିକ୍ଷା ମୁତାବକ ଅମଳ କରୁ ତେବେ ସଂସାର ଯୁଦ୍ଧ କ୍ଷେତ୍ର ପରିବର୍ତେ ଶାନ୍ତିସ୍ଥଳି ପାଲଟିଯିବ । ସେ କହିଲେ ଆପଣ ମହିଳାମାନଙ୍କ ଅଧିକାର ସମ୍ପର୍କରେ ଯେଉଁ ତଥ୍ୟ ପ୍ରଦାନ କଲେ ତାହା ଅତ୍ୟନ୍ତ ସୁନ୍ଦର ଅଟେ । ସେ ଆହୁରି କହିଲେ କି ବୟତ କାର୍ଯ୍ୟକ୍ରମ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ଏପରି ମନେହେଉଛି ଯେପରି ସମୟ ଅଟକି ଯାଇଛି ।

ମେସିଡ଼ୋନିୟାରୁ ଆସିଥିବା ଜଣେ ମହିଳା କହିଲେ ମୁଁ ସମ୍ପାଦକ ଅଟେ ଜଲସାର ଦ୍ୱାରା ମୋର ଇସଲାମର ନୂତନ ଦିଗ ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଛି । ସମୟ ଥିଲା ଯେତେବେଳେ ଇସଲାମ ଶବ୍ଦ ମୋ ପାଇଁ ବିଷ ପରି ଥିଲା ବର୍ତମାନ ମୋ ଉପରେ ଇସଲାମର ନୂତନ ରୂପ ଉନ୍ମୋଚିତ ହୋଇଛି । ମୁଁ ଜଣେ ସମ୍ପାଦକ ହିସାବରେ ଏକ ନୂତନ ଅଭିଜ୍ଞତା ହାସଲ କରିଥିବାରୁ ଆପଣଙ୍କ କୃତଜ୍ଞ । ହଜୁର ଅନଓ୍ୱର ଅ.ବ କହିଲେ- ତାଙ୍କର ମୋ ସହ ସାକ୍ଷାତ ମଧ୍ୟ ଥିଲା, ସାକ୍ଷାତରେ ସେ କହିଲେ ଇମାମ ଜମାଅତଙ୍କର ପ୍ରତ୍ୟେକ ଉତରରେ ମୁଁ ସନ୍ତୁଷ୍ଟ । ଆପଣ ମୋତେ ନୂତନ ଦିଗ ଦେଖାଇଛନ୍ତି, ମୋର ମାର୍ଗଦର୍ଶନ କରିଛନ୍ତି । ବର୍ତମାନ ମୁଁ ଇସାମର ପ୍ରକୃତ ରୂପ ଦେଖିଲି

ହଜୁର ଅନଓ୍ୱର ଅ.ବ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନ୍ତବ୍ୟର ଚର୍ଚ୍ଚା କରି କହିଲେ- ଜର୍ମାନୀରେ ଗତ ଦୁଇ ତିନି ବର୍ଷ ହେଲା ବୟତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଚଳିତ ବର୍ଷ ୧୧ଟି ଦେଶରୁ ଆସିଥିବା ୩୩ ଜଣ ଲୋକ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେମାନଙ୍କ ମଧ୍ୟରେ ଅଲବାନିଆ, ଗେମ୍ବିୟା, ଘାନା, ଜର୍ମାନୀ, ଇରାକ, ମରାକିସ୍, ଫିଲସ୍ତିନ୍, ସିରିୟା, ତୁର୍କୀ, ଲିଥିଓନିଆ ଆଦିଦେଶରୁ ଆସିଥିବା ଅତିଥି ଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହା ଜଲସାରେ ଯୋଗଦେଥିବା କିଛି ଅତିଥିମାନଙ୍କ ମତାମତ ଥିଲା ଯାହାକି ମୁଁ ଚର୍ଚ୍ଚା କଲି । ଅଲ୍ଲାଃତାଲାଙ୍କ କୃପାରୁ ଜଲସା ଅନେକଙ୍କ ହୃଦୟ ଖୋଲିଥାଏ । ଅନେକଙ୍କ ସନ୍ଦେହ ଓ ଭ୍ରମ ଧାରଣା ଦୂର ହୋଇଥାଏ । ଇସଲାମର ପ୍ରକୃତ ପ୍ରତିବିମ୍ବ ଲୋକମାନଙ୍କ ଦୃଷ୍ଟିଗୋଚର ହୋଇଥାଏ । ଅଲ୍ଲାଃତାଲା ଏହି ବରକତକୁ ସର୍ବଦା ଅଧିକରୁ ଅଧିକ ପ୍ରସାରିତ କରିଚାଲନ୍ତୁ ।

ମିଡ଼ିୟା କଭରେଜ୍ ହିସାବରେ ଜଲସାର ପ୍ରଥମ ଦିବସରେ ଜୁମା ପରେ ମୋର ଏକ ପ୍ରେସ୍ କନଫରେନସ୍ ମଧ୍ୟ ଥିଲା ଯେଉଁଥିରେ ଜାତୀୟ ଓ ଆନ୍ତର୍ଜାତିୟ ସ୍ତରର ସାମ୍ବାଦିକମାନେ ସାମିଲଥିଲେ । ଅନ୍ତର୍ଜାତୀୟ ସ୍ତରରେ ଇଟାଲୀ, ମେସିଡ଼ୋନିଆ, ଅଷ୍ଟ୍ରେଲିଆ ଓ ବେଲଜିୟମ୍‌ର ଟିଭି ଓ ଖବର କାଗଜର ପ୍ରତିନିଧିମାନେ ଆସିଥିଲେ । ଜାତୀୟ ସ୍ତରରେ ଜର୍ମାନୀର ଚାରି ଗୋଟି ଟିଭି ଷ୍ଟେସନ୍ ଓ ତିନି ଗୋଟି ପ୍ରିଂଟ୍ ମିଡ଼ିୟାର ପ୍ରତିନିଧି ଉପସ୍ଥିତଥିଲେ । ଆଂଚଳିକ ସ୍ତରରେ ଏନ୍ ଟିଭି, ଗୋଟିଏ ରେଡ଼ିଓ ଓ ଚାରିଗୋଟି ପ୍ରିଣ୍ଟ ମିଡ଼ିୟାର ପ୍ରତିନିଧି ଉପସ୍ଥିତଥିଲେ ।

ଜର୍ମାନୀ ଜଲସାର (ତିନି ଦିନର) ସମସ୍ତ କାର୍ଯ୍ୟକ୍ରମ କଭରେଜ୍ ହେଲା । ରିପୋର୍ଟ ମୁତାବକ ପାଂଚ ଗୋଟି ଟିଭି ଚ୍ୟାନେଲ୍ ତିନି ଗୋଟି ରେଡ଼ିଓ ଚ୍ୟାନେଲ୍ ଏବଂ ୬୧ଟି ଖବର କାଗଜ ତଥା ଅନ୍ୟାନ୍ୟ ପ୍ରିଂଟ୍ ମିଡ଼ିୟା ମାଧ୍ୟମରେ ପାଂଚ କୋଟି ବୟାନବେ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ଆମର ବାର୍ତା ପହଂଚିଲା । ଏତତ୍ ବ୍ୟତୀତ ଆନ୍ତର୍ଜାତୀୟ ସ୍ତରରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଯେଉଁ କଭରେଜ୍‌ର ଆଶା ଅଛି ଯାହାଙ୍କ ପ୍ରତିନିଧିମାନେ ଜଣାଇଥିଲେ ଏବଂ ସେମାନଙ୍କ Viewership ଅଛନ୍ତି ସେଥି ମୁତାବକ ଚାରି କୋଟି ତେର ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ଆମର ବାର୍ତା ପହଂଚିବ । ସେହିପରି ଅଲ-ଇସଲାମର website ଏମ ଟି.ଏ ଜର୍ମାନୀ Studio ସାହାଯ୍ୟରେ ଅପଲୋଡ଼ କରାଯାଉଥିଲା । ସେଣ୍ଟର ପ୍ରେସ୍ ଓ ମିଡ଼ିୟା ଦ୍ୱାରା ପ୍ରସାରିତ ପ୍ରେସ୍ ରିଲିଜ୍ ମଧ୍ୟ ଅପଲୋଡ କରାଯାଇଛି । ସୋସିଆଲ୍ ମିଡ଼ିୟାରେ ମଧ୍ୟ ଜଲସାର କଭରେଜ୍‌ର କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଛି ଯେଉଁଥିରେ ଫେସବୁକ୍‌ରେ ୩୨ ଗୋଟି ପୋଷ୍ଟ ପ୍ରକାଶ କରାଯାଇଛି ଯାହାକି ୪,୨୦,୦୦୦ ଜଣ ଲୋକ ଦେଖିଲେ ଏବଂ ସେମାନଙ୍କ ମଧ୍ୟରୁ ୩୬୦୦୦ ଲୋକ ପସନ୍ଦ କରି ତାହାର ଚର୍ଚ୍ଚା କଲେ । ସେହିପରି twitterରେ ମଧ୍ୟ ୫୩୬୦୦୦ଜଣ ଲୋକ ଜଲସାର ଟୁଇଟ ଦେଖିଲେ ଏବଂ ୫୮୦୦ ଜଣ ଲୋକ retwit କଲେ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଏହି ଗସ୍ତରେ ଗୋଟିଏ ମସଜିଦ୍‌ର ସୁଭାରମ୍ଭ କରିବାର ମଧ୍ୟ ସୁଯୋଗ ମିଳିଲା । ଏହାର ଅତିଥିମାନଙ୍କ ଉପରେ ବେଶ୍ ଉତମ ପ୍ରଭାବ ପଡ଼ିଲା ଏବଂ ତାହାର ସେମାନେ ମୁକ୍ତ ଭାବରେ ପ୍ରକାଶ ମଧ୍ୟ କଲେ କି ଏହି ଇସଲାମକୁ ଜର୍ମାନୀରେ ପ୍ରସାରିତ ହେବା ଉଚିତ୍ । ସେହି କାର୍ଯ୍ୟକ୍ରମର ମଧ୍ୟ ବେଶ୍ ଭଲ ପ୍ରସାରଣ ହେଲା । ଦୁଇ ଗୋଟି ଟିଭି ଚ୍ୟାନେଲ୍ ଓ ଦୁଇ ଗୋଟି ଖବର କାଗଜର ପ୍ରତିନିଧି ଆସିଥିଲେ ଯଦ୍ୱାରା ସାଢେ ସୋଳ ଲକ୍ଷ ଲୋକମାନଙ୍କ ନିକଟରେ ଜମାଅତର ବାର୍ତା ପହଂଚିଲା । ଅଲ୍ଲାଃତାଲା ଜମାର୍ନୀ ଜମାଅତକୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ଭବିଷ୍ୟତରେ ଏହାଠାରୁ ବଳି ଇସଲାମର ବାର୍ତା ପହଂଚାନ୍ତୁ । ଯେଉଁ ବାର୍ତା ପହଂଚିଯାଇଛି ଏଥିରେ ଅଧିକ ପ୍ରୟାସ କରନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

⌘⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ମଉଦ୍ ଓ ମେହ୍‌ଦୀ ଆଲୈସାଲାମ୍ ଙ୍କ ସାହାବାମାନେ ମଧ୍ୟ କୋରୁନେ ଉଲା (ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟ) ର ସାହାବାଙ୍କ ପବିତ୍ର ପଦାଙ୍କ ଅନୁସରଣ କରି ଏପରି ତ୍ୟାଗ କଲେ ଯେ ସେମାନଙ୍କର ଆକା ସେମାନଙ୍କୁ ତାଙ୍କ ଜୀବଦଶାରେ ହିଁ ତାଙ୍କ ମଙ୍ଗଳ କାମନା କରି କହିଲେ:-

*ମୁବାରକ୍ ୱହ୍ ଜୋ ଅବ୍ ଇମାନ୍ ଲାୟା*
*ସାହାବା ସେ ମିଲା ଜବ୍ ମୁଝ୍‌କୋ ପାୟା*

ଏହି ସାହାବା ଓ ତାବେଇନ୍ କରାମ୍‌ଙ୍କ ଉଦାହରଣ ଗୁଡିକ ବେଶି ଦିନର କଥା ନୁହେଁ । ସେମାନଙ୍କ ମଧ୍ୟରୁ କିଛି ସୌଭାଗ୍ୟଶାଳୀଙ୍କୁ ଦେଖିବାର ସୌଭାଗ୍ୟ ଆମ୍ଭମାନଙ୍କ ମଧ୍ୟରୁ କିଛି ଲୋକ ପାଇଛନ୍ତି । ଏବଂ ବହୁତ ଏପରି ତାବେଇନ୍ ଅଛନ୍ତି ଯେଉଁମାନେ ଆଜି ଏହି ଯୁଗରେ ଆମ ଗହଣରେ ଉପସ୍ଥିତ ଅଛନ୍ତି ଏବଂ ନିଜର କାର୍ଯ୍ୟଗୁଡିକୁ ସାହାବାଙ୍କ କାର୍ଯ୍ୟ ଅନୁସାରେ କରୁଛନ୍ତି । ଆସନ୍ତୁ ଦେଖିବା ଇସ୍‌ଲାମ୍‌ର ଏହି ତ୍ୟାଗିମାନେ ମାଲି କୁର୍‌ବାନୀ କ୍ଷେତ୍ରରେ କି କି ପ୍ରକାର ଉଜ୍ଜଳ ମିନାର ସ୍ଥାପନ କରୁଛନ୍ତି ।

ବିଲ୍‌କୁଲ୍ ପ୍ରାରମ୍ଭିକ ସମୟର କଥା । ହଜ୍‌ରତ୍ ମସିହ୍ ପାକ୍ ସ:ଆ:ସ ଙ୍କୁ ଗୋଟିଏ ଇସ୍ତେହାର୍ ଛପାଇବା ପାଇଁ ଷାଠିଏ ଟଙ୍କା ଆବଶ୍ୟକ ଥିଲା । ଆପଣ ସ:ଆ:ସ ହଜ୍‌ରତ୍ ମୁନ୍‌ସି ଜଫର୍ ଅହେମଦ୍ ସାହେବ୍ କପୁରଥଲୱି ର:ଅ ଙ୍କୁ କହିଲେ ଏହି ଆବଶ୍ୟକ ଶିଘ୍ର ପୁରଣ ହେବା ଉଚିତ୍ । ଆପଣଙ୍କ ଯମାତ୍‌ରେ ଏହି ଆବଶ୍ୟକତାକୁ ପୁରଣ କରିବା ପାଇଁ ସମ୍ଭବ ହୋଇପାରିବ କି ? ହଜ୍‌ରତ୍ ମୁନ୍‌ସି ସାହେବ୍ ର:ଅ ହଁ କରିଦେଲେ । ଏବଂ ହଜ୍‌ରତ୍ ମସିହ୍ ପାକ୍ ଆ:ସ ଙ୍କ କଥା ଶୁଣି ସିଧା ଘରକୁ ଗଲେ । ନିଜ ସ୍ତ୍ରୀ ଙ୍କ ସମ୍ମତି ନେଇ ଗହଣାକୁ ବିକ୍ରି କରି ସେହି କ୍ଷଣି ଆବଶ୍ୟକ ଅର୍ଥକୁ ଆଣି ହଜୁର୍ ଆ:ସ ଙ୍କ ଗୋଚରେ ଉପସ୍ଥାପନ କରିଦେଲେ । କିଛି ଦିନ ପରେ ହଜ୍‌ରତ୍ ମୁନ୍‌ସି ଅରୋଡେ ଖାନ୍ ସାହେବ୍ ସାକ୍ଷାତ୍ କରିବାକୁ ଆସିଲେ । ହଜୁର୍ କପୁରଥଲା ଯମାତ୍‌କୁ ଧନ୍ୟବାଦ୍ ଜଣାଇଲେ ଯେ ଆପଣମାନେ ଠିକ୍ ସମୟରେ ସାହାଯ୍ୟ କରିଛନ୍ତି । ଏହା କହିବା ପରେ ଏ ଭେଦ ଖୋଲିଲା ଯେ ମୁନ୍‌ସି ଜଫର୍ ଅହେମଦ୍ ସାହେବ୍ ର:ଅ ତ ଯମାତ୍‌ର କୌଣସି ଲୋକଙ୍କୁ ଏ ବିଷୟରେ କହିନାହାଁନ୍ତି । କେତେ ତ୍ୟାଗ ଓ କେତେ ବିନମ୍ରତା ଏ ଘଟଣାରୁ ବାରି ହେଉଛି !

ରିୱାୟତ୍‌ରେ ଆସୁଛି ଯେ ହଜ୍‌ରତ୍ ମୁନ୍‌ସି ଅରୋଡେ ଖାନ୍ ସାହେବ୍ ର:ଅ ଙ୍କୁ ମାଲି ଖିଦ୍‌ମତ୍ ର ଏହି ଅବସରରୁ ବଂଚିତ ହେବା ଏତେ ଦୁଃଖ ପହଂଚାଇଥିଲା ଯେ ଆପଣ ବହୁତ ଦିନ ପର୍ଯ୍ୟନ୍ତ ହଜ୍‌ରତ୍ ମୁନ୍‌ସି ଜଫର୍ ଅହେମଦ୍ ସାହେବ୍ ର:ଅ ଙ୍କ ଠାରୁ ନାରାଜ ରହିଲେ । କେତେ ମହାନ୍ ଏହି ନାରାଜ ହେବା । କାରଣ କେବଳ ଏତିକି ଥିଲା ଯେ ସବୁତକ ପୁଣ୍ୟ ଆପଣ ହିଁ ନେଇଗଲେ ଓ ଆମକୁ ଏହି ପୁଣ୍ୟରୁ କିଛି ଭାଗ ନେବାପାଇଁ ଦେଲେନାହିଁ ! (ଅସ୍‌ହାବେ ଅହେମଦ୍ ଖଣ୍ଡ-୬, ପୃଷ୍ଠା-୭୨) କ୍ରମଶଃ.. ।

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଆଉ ଜଣେ ୱାକ୍‌ଫାଏ ନୌ ପର୍ଦ୍ଦା ସମ୍ବନ୍ଧରେ ପ୍ରଶ୍ନ କଲେ ଯେ ଯେତେବେଳେ ଆମେ କୌଣସି ଚାକିରୀ ପାଇଁ ଆବେଦନ କରୁଛେ ତ ଅଧିକାଂଶ ଠାରେ ପ୍ରଥମ ସର୍ତ ଏହା ରଖାଯାଉଛି ଯେ ଯଦି ଆପଣ ସ୍କାର୍ଫ ଭିଡୁଛନ୍ତି ତେବେ ଆପଣ ଏହି ଚାକିରୀ କରିପାରିବେ ନାହିଁ । ତେବେ ଏପରି ପରିସ୍ଥିତିରେ ଆମକୁ କଣ କରିବାକୁ ହେବ ? ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଆପଣମାନେ ଏହା ଦେଖିନିଅନ୍ତୁ ଯେ ଆପଣମାନେ ଦୀନ୍ କୁ ଦୁନିଆର ଉପରେ ଅଗ୍ରାଧିକାର ଦେବାପାଇଁ ଯେଉଁ ଶପଥ କରିଛନ୍ତି ତାକୁ ପୁରଣ କରିବେ କି ନାହିଁ ? ଏହି ପ୍ରଶ୍ନ ନିଜ ମନକୁ ପଚାରି ବୁଝି ନିଅନ୍ତୁ ଯେ ଏଠି ଚାକିରୀ କଣ ଆବଶ୍ୟକ ଅଛି ? ଯଦି ଭୋକିଲା ମରୁଛନ୍ତି ତେବେ ସୁଅର୍ (ଘୁଷୁରୀ) ଖାଇବା ପାଇଁ ମଧ୍ୟ ଅନୁମତି ଅଛି କିନ୍ତୁ ଯଦି ତୁମେ ଭୋକିଲା ମରୁନାହଁ ଏବଂ ଚଳିଯାଉଛ ତେବେ ପୁଣି କୌଣସି କାରଣ ନାହିଁ ଯେ କେବଳ ଚାକିରୀ କରିବା ପାଇଁ ଆପଣମାନେ ନିଜର ପର୍ଦ୍ଦାକୁ ଛାଡ଼ିଦିଅନ୍ତୁ । ହଁ ଯଦି କେହି ଭୋକିଲା ମରୁଅଛି ଏବଂ ତାର ଗୁଜୁରାଣ ହୋଇପାରୁନାହିଁ ଏବଂ କୌଣସି ଦ୍ୱିତୀୟ ରାସ୍ତା ନାହିଁ ତେବେ ତାହା ଉଚିତ୍ ହେବ । ସାମୟିକ ଭାବେ ଚାକିରୀ କରିବା ସମୟରେ ପର୍ଦ୍ଦାକୁ କାଢ଼ିନେବେ କିନ୍ତୁ ସେଠାରୁ ବାହାରିବା ସମୟରେ ସଙ୍ଗେ ସଙ୍ଗେ ପର୍ଦ୍ଦା କରିବା ଉଚିତ୍ । ବା କିଛି ଏପରି ପ୍ରଫେସନ୍ ଅଛି ବୈଜ୍ଞାନିକ ହୁଅନ୍ତୁ ବା ଡାକ୍ତର ହୁଅନ୍ତୁ ସେମାନଙ୍କର ଏକ ପ୍ରକାର ପୋଷାକ ଅଛି ଯାହାକୁ ସେମାନେ ପିନ୍ଧୁଛନ୍ତି । ତାହା ଏକ ପ୍ରକାର ମଜବୁରି । ସେଠାକୁ ତ ବୁର୍ଖା ପିନ୍ଧିକରି ଯାଇପାରିବେ ନାହିଁ । ଲାବ୍ରୋଟୋରୀ ଅଛି ବା ଅପରେସନ୍ ଥିଏଟର୍ ଅଛି । ସେଥିରେ ସେହି ବିଶେଷ ପୋଷାକକୁ ପିନ୍ଧି ନିଅନ୍ତୁ କିନ୍ତୁ ଏହାପରେ ପର୍ଦ୍ଦା କରିବା ଉଚିତ୍ ।

ଜଣେ ୱାକ୍‌ଫେ ନୌ ପଚାରିଲେ ଯେ ମୋର ଦୁଇଜଣ ପିଲା ଅଛନ୍ତି । ଯେଉଁମାନେ ଗୋଟିଏ ରୋଗରେ ପିଡ଼ିତ ଅଛନ୍ତି । ସେମାନଙ୍କ ସମ୍ପର୍କରେ କୁହାଯାଉଛି ଯେ ଏହା କଜିନ୍ ମ୍ୟାରେଜ୍ ଯୋଗୁଁ ହୋଇଛି । ଏହାର ଉତରରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଏହି ବେମାରୀ ଯେତେବେଳେ ୟୁରୋପ୍‌ରେ ଏଠିକାର ଅନ୍ୟ ଲୋକମାନଙ୍କୁ ହୋଇଥାଏ ତେବେ କଣ ସେମାନେ କଜିନ୍‌ଙ୍କ ସହିତ ବିବାହ କରିବା ଯୋଗୁଁ ହୁଏ ? ଏ ବେମାରୀ ଜର୍ମାନୀରେ ମଧ୍ୟ ଅଛି । ଏମାନେ ଭୁଲ୍ କହୁଛନ୍ତି । ପବିତ୍ର କୋରାନ୍ ଯଦି କହୁଛି ଯେ ବିବାହ ହୋଇପାରିବ ଏବଂ କେତେ ପିଢ଼ୀରୁ ହୋଇଚାଲିଛି । ମୋ ନିଜର ଖାନ୍‌ଦାନ୍‌ରେ ବହୁତ ଗୁଡିଏ କଜିନ୍ ମାନଙ୍କରେ ଆପୋଷରେ ବିବାହ ହୋଇଛି ଏବଂ ଅଲ୍ଲାଃତାଲାଙ୍କ ଦୟାରୁ ସବୁ ଠିକ୍ ଠାକ୍ ଅଛନ୍ତି ।

ଆଉଜଣେ ୱାକ୍‌ଫେ ନୌ ସେହି ପର୍ଦ୍ଦା ବିଷୟରେ କହିଲେ ଯେ ଜଲ୍‌ସା ଗାଃ ରେ ବୁର୍ଖା ବିକ୍ରି କରାଯାଉଛି । ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଯେଉଁ ବୁର୍ଖା ସେଲ୍ ହେଉଛି ସେଗୁଡିକ ବୁର୍ଖା କମ୍, ଫେସନ୍ ଅଧିକ ଅଛି । ଯଦି ଆପଣଙ୍କର ପ୍ରଶ୍ନ ଏହା ଯେ ତେବେ ପୁଣି ସଦର୍ ଲଜ୍‌ନାଙ୍କୁ ଦରକାର ଯେ ମାର୍କେଟ୍‌ରେ ଏପରି ବୁର୍ଖାକୁ ହଟାଇ ଦିଆଯାଉ । ଏପରି ଲୋକମାନଙ୍କୁ ଷ୍ଟଲ୍ ଲଗାଇବାକୁ ଦିଆନଯାଉ ।

ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ ଆମେ କଣ କବର୍ ସ୍ଥାନକୁ ଯାଇ ଅନ୍ୟ କାହା କବର ରେ ଦୁଆ କରିପାରିବା ? ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ କାହିଁକି କରିପାରିବା ନାହିଁ ? କୌଣସି ପରିଚିତ ବ୍ୟକ୍ତି ବା ଅହେମଦୀଙ୍କ କବର୍ ରେ ଦୁଆ କରାଯାଇପାରିବ । ଜଣେ ମୋମିନ୍ ଆଉ ଜଣେ ମୋମିନ୍ ପାଇଁ ମଗ୍‌ଫିରତ୍ ର ଦୁଆ କରିପାରିବ । ଏଥିରେ କୌଣସି ଅସୁବିଧା ନାହିଁ ।

ସେହି ୱାକ୍‌ଫେ ନୌ ଦ୍ୱିତୀୟ ପ୍ରଶ୍ନ କଲେ ଯେ ଆମ ଘରକୁ ଜଣେ ଜର୍ମାନୀ ମହିଳା ଆସୁଛନ୍ତି ଏବଂ ସେ ପଚାରୁଛନ୍ତି ଯେ ଯଦି ଅଲ୍ଲାଃତାଲା ସମଗ୍ର ମାନବ ଜାତିଙ୍କୁ ଏତେ ପ୍ରେମ କରୁଛନ୍ତି ତେବେ ପୁଣି ଆଫ୍ରିକାରେ ପୁଣି ଏପରି କାହିଁକି ହେଉଛି ଯେ ଲୋକମାନେ ଭୋକ ଶୋଷ ଏବଂ ରୋଗ ଦ୍ୱାରା ମରୁଛନ୍ତି । ସେଠି ଅଲ୍ଲାଃତାଲାଙ୍କ ପ୍ରେମ କୁଆଡ଼େ ଗଲା । ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଦୁଇଗୋଟି କାନୁନ୍ ତିଆରି କରିଛି । ଗୋଟିଏ କାନୁନେ କୁଦ୍‌ରତ୍ (ପ୍ରକୃତିର ନିୟମ) ଏବଂ ଆଉଗୋଟିଏ କାନୁନେ ଶରୀୟତ ଅର୍ଥାତ୍ ଶରୀୟତି କାନୁନ୍ ଅଛି । ଅଲ୍ଲାଃତାଲାଙ୍କର ପ୍ରେମ ମଧ୍ୟ ଅଛି ଏବଂ ଅଲ୍ଲାଃତାଲାଙ୍କ କରୁଣା ମଧ୍ୟ ଅଛି । ଯଦି କିଏ କାମ କରିବନାହିଁ ବା ନିକମା ହୋଇ ରହିବ ତେବେ ତାର ଏହିପରି ଅବସ୍ଥା ହେବ । ଲୋକମାନେ ତ ଏଠି ୟୁରୋପ୍‌ରେ ମଧ୍ୟ ବେମାର୍ ହେଉଛନ୍ତି । ତେବେ କଣ ସେହି ମହିଳା ଜଣକ କହିପାରିବେ ଯେ ଅଲ୍ଲାଃତାଲା ଏଠିକାର ଲୋକମାନଙ୍କୁ ମଧ୍ୟ ପ୍ରେମ କରୁନାହାଁନ୍ତି ? ଏଠିକାର ଲୋକମାନେ ମଧ୍ୟ ମରୁଛନ୍ତି । ତେବେ ଅଲ୍ଲାଃତାଲା କଣ ତାଙ୍କୁ ପ୍ରେମ କରୁନାହାଁନ୍ତି ? କିଛି ତୋଫାନ୍ ଝଡ଼ ମଧ୍ୟ ଆସିଥାଏ ଯେପରି ଆମେରିକାରେ ହରିକାନ୍‌ସ ଝଡ଼ ଆସେ । ସଂସାରରେ ଭୁମିକମ୍ପ ଆସିଥାଏ । ତା ଦ୍ୱାରା ମଧ୍ୟ ଲୋକମାନେ ମରନ୍ତି । ତେବେ ଏହାର ଅର୍ଥ କଣ ଏହା ହେବ ଯେ ଅଲ୍ଲାଃତାଲା ପ୍ରେମ କରୁନାହାଁନ୍ତି ?

ଏଥିରେ ୱାକ୍‌ଫାଏ ନୌ କହିଲେ ଯେ ସେହି ସ୍ତ୍ରୀ ଜଣକ କହୁଛନ୍ତି ଯେ ଆଫ୍ରିକାରେ ଦୁଇବର୍ଷ ହେବ ବର୍ଷା ହୋଇନାହିଁ । ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଦୁନିଆରେ ମରୁଡ଼ି ମଧ୍ୟ ଆସିଥାଏ । ସେଥିଯୋଗୁଁ ଅଲ୍ଲାଃତାଲା ଆମକୁ ଇସ୍‌ତସ୍‌କାର ଦୁଆ ଶିଖାଇଛନ୍ତି । ଆଫ୍ରିକାରେ କିଛି ଯାଗାରେ ଯେଉଁଠି ଯମାତ୍ ଅଛି, କେତେଲୋକ ମୋତେ ଲେଖୁଛନ୍ତି ଯେ ବର୍ଷା ହେଲାନାହିଁ, ଦୁଆ କରନ୍ତୁ । ତେବେ ମୁଁ ତାଙ୍କୁ ଏତିକି କହୁଛି ଯେ ବାହାରକୁ ଆସି ଇସ୍‌ତେସ୍‌କା ନମାଜ ପଢ଼ନ୍ତୁ । ଦୁଆ କରନ୍ତୁ । ଏବଂ ଯେତେବେଳେ ସେମାନେ ଦୁଆ କଲେ ସେଠି ବର୍ଷା ମଧ୍ୟ ହେଲା । ଅଲ୍ଲାଃତାଲାଙ୍କ ଦୟା ବଳରୁ ସବୁକିଛି ଠିକ୍ ହୋଇଗଲା ।

ହଜୁର୍ ଅନୱର୍ ଅ:ବ:ଅ କହିଲେ କିଛି କାରଣ ବର୍ଷା ନହେବା ଯୋଗୁ ମଧ୍ୟ କିନ୍ତୁ କିଛି ସେମାନଙ୍କ ନିଜର ଭୁଲ୍ ମଧ୍ୟ ଅଛି ଯେ ସେମାନେ କାମ କରୁନାହାଁନ୍ତି । ନିକମା ବସି ରହୁଛନ୍ତି । କେବଳ ଅନ୍ୟ ଜାତିଙ୍କ ଠାରୁ ମାଗି କରି ଖାଇବାର ଅଭ୍ୟାସ ହୋଇଗଲାଣି । ସେଥିପାଇଁ ଅଲ୍ଲାଃତାଲା ନିଜର ଭକ୍ତମାନଙ୍କୁ କହିଛନ୍ତି ଯେ ମୋର ଯେଉଁ କରୁଣାର ବିଶେଷ ଗୁଣ ଅଛି ତାହା ତୁମମାନଙ୍କ ମଧ୍ୟରେ ମଧ୍ୟ ରହିବା ଉଚିତ୍ । ସେଥିଯୋଗୁ ଅଲ୍ଲାଃତାଲା କହିଲେ ଯେ ସଦ୍‌କା ଏବଂ ଖୈରାତ୍ କର ଏବଂ ଗରିବ ମାନଙ୍କର ଧ୍ୟାନ ରଖ । ଏ ଜାତି ମାତ୍ରାଧିକ ଫସଲ, ଲହୁଣୀ, କ୍ଷୀର ଏବଂ ଘିଅ ଇତ୍ୟାଦି ଯାହାକୁ ନଷ୍ଟ କରିଦେଉଛି ଏବଂ ଫିଙ୍ଗି ଦେଉଛି ତାକୁ ଦରକାର ଯେ ସେଗୁଡିକ ଆଫ୍ରିକା ଦେଶକୁ ପଠାନ୍ତୁ । ଯଦ୍ୱାରା ସେମାନଙ୍କର ସେବା ହୋଇପାରିବ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ପ୍ରକୃତିର ନିୟମାନୁସାରେ ମରୁଡ଼ି ମଧ୍ୟ ଆସିଥାଏ । କିଛି ପରୀକ୍ଷା ହୁଏ । ସେଥିରେ ଲୋକମାନେ ମରିଯାଆନ୍ତି । କିନ୍ତୁ ଯଦି

ଅଲ୍ଲାଃତାଲା କୌଣସି ପରୀକ୍ଷାରେ ପକାଇଛି ତେବେ ଅସଲ ଜୀବନ ତ ମରିବା ପରେ ଅଛି । ଅସଲ ରହମ (କରୁଣା) ତ ଅଲ୍ଲାଃତାଲାଙ୍କର ସେହି ସଦା ସର୍ବଦା ପାଇଁ ଥିବା ଜୀବନରେ ନିହିତ ଅଛି । କିଏ ଜାଣିଛି ଅଲ୍ଲାଃତାଲା ଏ ସମସ୍ତଙ୍କୁ କ୍ଷମା ଦେବ ଏବଂ ତାଙ୍କ ଠାରୁ କୌଣସି ହିସାବ ନେବନାହିଁ । ଏହା ମଧ୍ୟ ଅଲ୍ଲାଃତାଲାଙ୍କର କରୁଣା ଅଟେ । ଆମେ ତ ଏ କଥାରେ ବିଶ୍ୱାସ ରଖୁଛୁ ଯେ ଅସଲ ଜୀବନ ପରକାଳର ଜୀବନ ଅଟେ । ଯଦି ଏହି ପରକାଳ ହେଉଛି ପ୍ରକୃତ ଜୀବନ ତେବେ ଅଲ୍ଲାଃତାଲାଙ୍କ କରୁଣା ଓ କ୍ଷମା ଏପରି ଲୋକମାନଙ୍କୁ ସେହି ଜୀବନରେ ଦେଖାଇଦେବ ।

ଜଣେ ୱାକିଫାଏ ନୌ ପ୍ରଶ୍ନ କଲେ ଯେ ଯଦି ଘରେ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ଥିବେ ତେବେ କଣ ଇମାମ୍ ଆଗରେ ଛିଡ଼ା ହୋଇ ନମାଜ ପଢ଼ାଇବ ବା ଗୋଟିଏ ସଫ୍ (ଧାଡ଼ି)ରେ ଛିଡ଼ା ହେବେ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ସ୍ୱାମୀ ସ୍ତ୍ରୀ ବା ଭାଇ ଭଉଣୀ ଥିବେ ସେମାନଙ୍କ ମଧ୍ୟରୁ ଯିଏ ବି ପୁରୁଷ ଥିବ ସେ ଆଗରେ ଛିଡ଼ା ହୋଇଯିବ ଏବଂ ମହିଳାମାନେ ପଛରେ ଛିଡ଼ା ହେବେ କିନ୍ତୁ କିଛି ଅବସ୍ଥାରେ ସାଙ୍ଗ ହୋଇ ମଧ୍ୟ ଛିଡ଼ା ହୋଇଯାଆନ୍ତି । ଉଦାହରଣ ସ୍ୱରୂପ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଯେତେବେଳେ ଦେହ ଖରାପ ରହୁଥିଲା ଏବଂ ଆପଣ ଘରେ ନମାଜ ପଢୁଥିଲେ ସେତେବେଳେ ଅମାଜାନ୍ ର:ଅ ଙ୍କୁ ସାଥିରେ ଛିଡ଼ା କରାଇଦେଉଥିଲେ । ସାଧାରଣତଃ ସେ ପଛରେ ଛିଡ଼ା ହେଉଥିଲେ କିନ୍ତୁ ବେଳେବେଳେ ଏହା କହୁଥିଲେ ଯେ ମୋର ମୁଣ୍ଡ ବୁଲାଉଛି, ସେଥିଯୋଗୁ ସାଙ୍ଗରେ ଛିଡ଼ା କରାଇଦେଉଥିଲେ । ଯଦ୍ୱାରା ନମାଜ ପଢ଼ାଇବା ସମୟରେ ଯଦି ମୁଣ୍ଡ ଘୁରାଇଦେବ ମୁଁ ପଡ଼ିନଯାଏ । ସେଥି ଯୋଗୁଁ ସାହାଯ୍ୟର ଆବଶ୍ୟକ ହୁଏ । କିନ୍ତୁ ପ୍ରକୃତ ଫଇସଲା ଏହା ଅଟେ ଯେ ପଛରେ ଛିଡ଼ା ହେବା । କିନ୍ତୁ ଯଦି କୌଣସି ମଜବୁରୀ ଅଛି ତେବେ ଇସ୍‌ଲାମ୍ ତ ବଡ଼ ସହଜତାର ଧର୍ମ ଅଟେ । କଠୋରପନ୍ଥୀ ଧର୍ମ ନୁହେଁ କିନ୍ତୁ ଯଦି ମଜବୁରୀ ଅଛି ତେବେ ସାଙ୍ଗରେ ଛିଡ଼ା କରାଯାଇପାରିବ ।

ସେହି ୱାକ୍‌ଫେ ନୌ ଶେଷ ପ୍ରଶ୍ନ କରି କହିଲେ ଯେ ଯଦି ସ୍ତ୍ରୀ ତାର ସନ୍ତାନକୁ ୱାକ୍‌ଫ କରିବାକୁ ଚାହୁଁଥିବେ ଓ ଘରର ଲୋକମାନେ ଏହାକୁ ମାନୁ ନଥିବେ ତ ଏପରି ଅବସ୍ଥାରେ କଣ କରିବା ଉଚିତ୍ ? ଏଥିରେ ହଜୁର୍ ଅନୁୱର୍ କହିଲେ ଏପରି ପରିସ୍ଥିତିରେ ଦୁଆ କର । ସ୍ୱାମୀକୁ ମନାଇବାକୁ ଚେଷ୍ଟା କର । ଦୁଇଜଣଙ୍କର ଇଚ୍ଛାରେ ହିଁ ୱାକ୍‌ଫ କରିବା ଉଚିତ୍ ।

ଏଥିରେ ୱାକ୍‌ଫାଏ ନୌ ଜଣକ କହିଲେ ଯେ ମୋର ଦୁଇଗୋଟି ପିଲା ୱାକ୍‌ଫେ ନୌ ରେ ସାମିଲ୍ ଅଛନ୍ତି । କିନ୍ତୁ ଜଣେ ସାମିଲ୍ ନାହାଁନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯିଏ ୱାକ୍‌ଫେ ନୌ ରେ ସାମିଲ୍ ନାହିଁ ତାଙ୍କର ତରବିୟତ୍ ଏପରି କରନ୍ତୁ ଯେ ସେ ବଡ଼ ହୋଇ ନିଜେ ୱାକ୍‌ଫ କରିଦେବ । ଯଦି ସେବା ମନୋବୃତ୍ତି ଅଛି ସେ ବଡ଼ ହୋଇ ମଧ୍ୟ କରିପାରିବ । ମୁଁ ମଧ୍ୟ ୱାକ୍‌ଫେ ନୌ ରେ ସାମିଲ୍ ନଥିଲି । କିନ୍ତୁ ମୁଁ ନିଜେ ନିଜକୁ ୱାକ୍‌ଫ କରିଦେଇଥିଲି ।

ୱାକିଫାତେ ନୌ (ଲଜ୍‌ନା) ଙ୍କ ସହିତ ହଜୁର୍ ଅନୁୱର୍ ଅ:ବ:ଅ ଙ୍କର କ୍ଲାସ୍ ଦିନ ୧:୫୦ ମି. ରେ ଶେଷ ହେଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସଜିଦ୍ ର୍ ହଲ୍‌ରେ ପ୍ରବେଶ କଲେ । ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

### ତକ୍‌ରିବେ ଆମିନ୍

ହଜୁର୍ ଅନୁୱର୍ ଅ:ବ:ଅ ନିମ୍ନଲିଖିତ ୩୦ ଜଣ ପୁଅ ଏବଂ ଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଏବଂ ଶେଷରେ ଦୁଆ କରାଇଲେ ।

ଶାହାଜେବ୍ ହସନ୍, ତୌହିଦ୍ ହଏଦର୍ ଅହେମଦ୍, ରାହିଲ୍ ଅହେମଦ୍ ଜାୱେଦ୍, ଆରଶ୍ ରାନା, ଅନ୍‌ସାର୍ ଅହେମଦ୍, ଜାଫିର୍ ଅହେମଦ, ଫାରାନ୍ ତୟବ୍, ସାଆଦୁର୍ ରହମାନ୍ ଅନୁୱର୍, ଇବ୍ରାହିମ୍ ଅହେମଦ୍, ଅତାଉର୍ ରହିମ୍, ଅତାଉଲ୍ ମୁଜିବ୍ ମଲକ୍, ଶାୟାନ୍ ଅହେମଦ୍ ସ୍ୱାଲେହ ।

ଲାଇବା ଶମସ୍, ମଦିହା ଅହେମଦ୍, ମାଇରା ଅହେମଦ୍, ଅଏଶ୍ ଅଫଜାଲ୍ ଶାହା, ଫରିହା ନଇମ୍, ଆବ୍‌ଦା ଭଟି, ଅତିଅତୁଲ୍ ହକିମ୍ ଜବ୍‌ଦା ଭଟି, ସୋସନ୍ ଅହେମଦ୍, ଆଏଲିନ୍ ଜଦ୍‌ହା ଜାୱେଦ୍, ଶାଫିଆ ଅହେମଦ୍, ଅତିଅତୁଲ୍ ହଇ ନଗ୍‌ମାନା ବଟ୍, ହିବତୁଲ୍ ମତିନ୍ ଖାନ୍, ମଲିହା ମେହ୍‌ମୁଦ୍, ହଫ୍‌ସା ଗଫାର୍, ମନାହିଲ୍ ୱସିମ୍ ଜନ୍‌ଜୁଆ, ସରୁଅତ୍ କଲିମ୍ ଜନ୍‌ଜୁଆ, ଅମତୁଲ୍ ସମି ମହମ୍ମଦ ଓ ଅଏଶ୍ ଅହେମଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର୍ ଏକତ୍ର ପାଠ କରାଇଲେ । ଏହାପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

### ନ୍ୟାସିନାଲ୍ ମଜ୍‌ଲିସ୍ ଆମେଲା, ଲୋକାଲ୍ ଏବଂ ରିଜିଓନାଲ ଅମିର ଗଣ ଏବଂ ସମସ୍ତ ଯମାତ୍‌ର ସଦରମାନଙ୍କ ସହିତ ହଜୁର୍ ଅନୁୱର୍ ଅ:ବ:ଅ ଙ୍କର ମିଟିଂ

ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁୱର୍ ଅ:ବ:ଅ ମସଜିଦ୍ ସହିତ ସଂଲଗ୍ନ ହଲ୍‌କୁ ଆସିଲେ ଯେଉଁଠି ନ୍ୟାସିନାଲ୍ ମଜ୍‌ଲିସ୍ ଆମେଲା ଯମାତ୍ ଅହେମଦୀୟା ଜର୍ମାନୀ, ସମସ୍ତ ଲୋକାଲ୍ ଅମୀର୍ ଗଣ, ରିଜିଓନାଲ୍ ଅମୀରମାନେ ଓ ସମସ୍ତ ଯମାତ୍‌ର ସଦର ମାନଙ୍କ ସହିତ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ମିଟିଂ ଥିଲା ।

ହଜୁର୍ ଅନୁୱର୍ ମିଟିଂର ଶୁଭାରମ୍ଭ ଦୁଆ କରି କରାଇଲେ । ଦୁଆ ପରେ ହଜୁର୍ ପଚାରିବାରୁ ଜେନେରାଲ୍ ସେକ୍ରେଟାରୀ ସାହେବ୍ ବତାଇଲେ ଯେ ୧୯୩ ଜଣ ସଦର ଯମାତ ଏବଂ ୭୧ ଜଣ ହଲ୍‌କା ସଦର ଅଛନ୍ତି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ତରଫରୁ କ୍ଷମା ପ୍ରାର୍ଥନା କରାଯାଇଛି । ବାକି ସମସ୍ତେ ହାଜିର୍ ଅଛନ୍ତି ।

### ଜେନେରାଲ୍ ସେକ୍ରେଟାରୀ

ହଜୁର୍ ଅନୁୱର୍ ଅ:ବ:ଅ ଜେନେରାଲ୍ ସେକ୍ରେଟାରୀକୁ ପଚାରିବା ପରେ ସେ କହିଲେ ଯେ ବର୍ତ୍ତମାନ ପାଖାପାଖି ୧୪୦ ଜଣ ସଦରମାନଙ୍କର ରିପୋର୍ଟ ସବୁବେଳେ ଆସୁଅଛି । ଯେଉଁମାନଙ୍କର ରିପୋର୍ଟ ମିଳୁନାହିଁ ସେମାନଙ୍କୁ ଚିଠି ଲେଖାଯାଉଛି ଯେ ଆପଣମାନଙ୍କର ରିପୋର୍ଟ ମିଳୁନାହିଁ । ଯଦି କୌଣସି ଉତର ନ ଆସେ ତେବେ ପୁନର୍ବାର ଚିଠି ଲେଖାଯାଉଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ପଚାରିଲେ ଯେ ଯେଉଁମାନେ ଏତେ ଅଳସୁଆ ସଦର ଅଛନ୍ତି ସେମାନଙ୍କର ରିପୋର୍ଟ କେବେ ମର୍କଜରେ କରିଛନ୍ତି କି ? ଜେନେରାଲ ସେକ୍ରେଟାରୀ ସାହେବ୍ କହିଲେ ଏମାନଙ୍କର ରିପୋର୍ଟ ମର୍କଜକୁ କରାଯାଇନାହିଁ । ଏଥିରେ ହଜୁର୍ ଅନୁୱର୍ କହିଲେ ଆପଣ ସେମାନଙ୍କର ରିପୋର୍ଟ କରୁନାହାଁନ୍ତି । ନିଜେ ମଧ୍ୟ ଅଳସୁଆ ଅଛନ୍ତି । ସେଥିପାଇଁ ତ ସଦରମାନଙ୍କୁ ଛୁଟି ମିଳିଯାଉଛି ଏବଂ ସେମାନେ ରିଲାକ୍‌ସ ହୋଇଯାଉଛନ୍ତି । ପ୍ରକୃତରେ ଆପଣମାନଙ୍କୁ ସେମାନଙ୍କ ପଛରେ ଲାଗିବାର ଥିଲା ।

ଏହାପରେ ହଜୁର ଅନୁୱର୍ ଅ:ବ:ଅ ପଚାରିବାରୁ ଜେନେରାଲ୍ ସେକ୍ରେଟାରୀ ସାହେବ ବତାଇଲେ ଯେ Dietzenberg ଇମାରତ୍‌ର ରିପୋର୍ଟ ମିଳୁନାହିଁ । ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ଲୋକାଲ୍ ଅମୀର ଯମାତ୍ Dietzenberg କହିଲେ ଯେ ଆମ ଜେନେରାଲ୍ ସେକ୍ରେଟାରୀ ସାହେବଙ୍କ ତରଫରୁ କିଛି ଦୁର୍ବଳତା ରହିଯାଉଛି । ପରେ ତାର ଇସ୍‌ଲାହା କରିନେଇଥିଲେ । ଏବେ ପଛ ମାସରୁ ପୁନର୍ବାର ରିପୋର୍ଟ ପ୍ରେରଣ କରିବା ଆରମ୍ଭ କରିଥିଲେ । ଜେନେରାଲ୍ ସେକ୍ରେଟାରୀ ସାହେବ୍ କିଛି ବେମାର୍ ଥିଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ଜେନେରାଲ୍ ସେକ୍ରେଟାରୀ ସାହେବ୍ ବେମାର୍ ଥିଲେ ତେବେ ଆପଣ ନିଜେ ତ ଉପସ୍ଥିତ ଥିଲେ ? ଆପଣ ଦୁଇ ତିନି ମାସ ନିଜର ଜେନେରାଲ ସେକ୍ରେଟାରୀ ସାହେବ୍‌ଙ୍କ ପଚାରି ହିଁ ନାହାନ୍ତି । ଆପଣମାନେ ୱହ୍‌ଦା ନେବାପାଇଁ ବସିଛନ୍ତି ଯେ କିଭଳି ଚେୟାର୍ ମିଳିଯାଉ ଏବଂ ସଦର ବା ଅମିର ହୋଇଯାଉ । ଆମମାନଙ୍କର ଯମାତ୍ ଭିତରେ କିଛି ସମ୍ମାନ ବଢ଼ିଯାଉ । ଏହାଛଡ଼ା ୱହ୍‌ଦାରେ ଥାଇ କିଛି କରିବାର ନାହିଁ । ଯଦି ଆପଣମାନେ ନିଜକୁ ନିଜେ ୱହ୍‌ଦାଦାର୍ ଭାବୁଛନ୍ତି ସେତେବେଳେ ଏହି ସବୁ ଖରାପ କାର୍ଯ୍ୟ ଜନ୍ମ ନେଇଥାଏ । ଯଦି ଆପଣମାନେ ସେବକ ଲେଖିବା ଆରମ୍ଭ କରିଦେବେ ସେତେବେଳେ ଆପଣମାନଙ୍କ ଠାରୁ ସବୁତକ କୁକର୍ମ ଦୂରେଇ ଯିବ । ସଦର୍‌ମାନେ ଅଭିଯୋଗ କରିଛନ୍ତି ଯେ ରିଜିଓନାଲ୍ ଅମୀର୍‌ମାନେ କାମ କରୁନାହାଁନ୍ତି । ଅମୀର୍‌ମାନେ କହୁଛନ୍ତି ମର୍କଜ୍ କାମ କରୁନାହିଁ । ସମସ୍ତେ ଜଣେ ଅନ୍ୟ ଜଣକ ଉପରେ ଦୋଷ ଲଦି ଦେଉଛି ଏବଂ କାମ କେହି କରୁନାହାଁନ୍ତି । ନା ନ୍ୟାସିନାଲ୍ ଆମ୍‌ଲା କାମ କରୁଛି ନା ସଦର୍ ମାନେ କାମ କରୁଛନ୍ତି । ସେଥିଯୋଗୁଁ ଲୋକମାନଙ୍କ ମଧ୍ୟରେ ଅଭିଯୋଗ ସୃଷ୍ଟି ହେଉଛି । ଲୋକମାନେ କହୁଛନ୍ତି ଯେ ଏହି ୱହ୍‌ଦାଦାର୍‌ମାନେ ନିଜକୁ ଚୌଧୁରୁ ଭାବୁଛନ୍ତି ଏବଂ ନିଜକୁ ସର୍ଦ୍ଦାର ବୋଲି ଭାବୁଛନ୍ତି । ଖିଦ୍‌ମତ୍‌ର ଭାବନା କାହା ପାଖରେ ନାହିଁ । ଅନେକ ସ୍ଥାନରେ ମୁରବୀମାନଙ୍କ ସହିତ ଭଲ ବ୍ୟବହାର ହେଉନାହିଁ । ତେବେ ଏପରି ୱହ୍‌ଦା କାହିଁକି ନେଇଛ ? ଆପଣମାନେ ତ ଖିଦ୍‌ମତ୍‌କୋ ଏକ୍ ଫଜଲେ ଏଲାହି ଜାନୋ ର ଭାଷଣ ଦେଉଛନ୍ତି । ଫଜଲେ ଏଲାହି (ଅଲ୍ଲାଃର କରୁଣା) ଏପରି ତ ମିଳୁନାହିଁ ଯେ ତିନି ତିନି ମାସ କୌଣସି ଖବର ନିଆଯାଉନାହିଁ । ଆପଣମାନେ ଯେଉଁମାନେ

ସଦର ଅଛ ଓ ଅମୀର୍ ଅଛ ସାଂସାରିକ ଜୀବନରେ ଏତେ ଲିପ୍ତ ହୋଇଯାଇଛ ଯେ ଆଉ କୌଣସି କାମ କରିପାରୁନାହଁ । ତେବେ ମାଜରତ୍ (କ୍ଷମା) ମାଗିନିଅ । ପାପି ହେଉଛି କାହିଁକି ? ପ୍ରଥମତଃ କାମ କରୁନାହଁ, ପୁଣି ଅଲ୍ଲାହ୍‌ତାଲାଙ୍କ ସମ୍ମୁଖରେ ପାପି ରୂପେ ବିବେଚିତ ହେଉଛ । ଅଧିକାଂଶ ସଦରମାନଙ୍କ ବିଷୟରେ ଏହି ରିପୋର୍ଟ ମିଳୁଛି ଯେ ଯେପରି କାମ କରିବା କଥା ସେପରି କାର୍ଯ୍ୟ କରୁନାହାଁନ୍ତି । ଏହାତ କୌଣସି କାର୍ଯ୍ୟଶୈଳୀ ନୁହେଁ । ଅଭିଯୋଗ ହେଉଛି ଯେ ଆପଣମାନେ ଓ ନ୍ୟାସିନାଲ୍ ଆମ୍‌ଲା ର ସଦସ୍ୟମାନେ ମଧ୍ୟ କାମ କରୁନାହଁ । ମୃତ୍ୟୁପରେ ଅଲ୍ଲାହ୍‌ତାଲା ପଚାରିବ ନାହିଁ ଯେ ତୁମେ ସଦର୍ ଥିଲ, ସେଥିଯୋଗୁଁ ତୁମେ କାମ କରିନାହଁ ବୋଲି ବା ନ୍ୟାସିନାଲ୍ ଆମ୍‌ଲା କାମ କରିନାହିଁ ବୋଲି । ନ୍ୟାସିନାଲ୍ ଆମେଲା ନିଜର ଉତର ଦେବେ, ସଦରମାନେ ନିଜର ଉତର ଦେବେ, ସ୍ଥାନୀୟ ଅମୀର୍‌ମାନେ ନିଜ ନିଜର ଉତର ଦେବେ, ରିଜିଓନାଲ୍ ଅମୀର୍ ନିଜର ଉତର ରଖିବେ,ପ୍ରତ୍ୟେକ ନିଜ ନିଜର ହିସାବ ଦେବେ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମକାମୀ ଅମୀର (ସ୍ଥାନୀୟ ଅମୀର) ର ବହୁତ ବଡ଼ ଦାୟିତ୍ୱ ଅଛି । ଯଦି ଅମୀର ମାନଙ୍କର ଏପରି ଅବସ୍ଥା ହେବ ତେବେ ଛୋଟ ଛୋଟ ଯମାତ୍‌ର ସଦର ମାନଙ୍କର ଅବସ୍ଥା ମଧ୍ୟ ଏହାଠାରୁ ଖରାପ ଥିବ ।

ଏହାପରେ କାସ୍‌ରୋଏ ଯମାତ୍‌ର ସଦର୍ ସାହେବ୍ କହିଲେ ଯେ ତାଙ୍କ ଆମ୍‌ଲା ମଧ୍ୟ ଫାଆଲ୍ (ଆକ୍ଟିଭ୍) ନୁହଁନ୍ତି । ତାଙ୍କୁ ଏବର୍ଷ ନୂଆ ଦାୟିତ୍ୱ ମିଳିଛି । ତାଙ୍କ ଯମାତ୍‌ର ମେମ୍ବର୍‌ମାନଙ୍କ ସଂଖ୍ୟା ୧୨୦ ପାଖାପାଖି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ଆମ୍‌ଲା ଆକ୍ଟିଭ୍ ନୁହଁନ୍ତି ତେବେ ଆପଣଙ୍କୁ ମର୍କଜ୍‌ରେ ରିପୋର୍ଟ କରିବାର ଥିଲା । ଯଦି ଆପଣଙ୍କୁ ଏବର୍ଷ ଦାୟିତ୍ୱ ମିଳିଛି ତେବେ ତାକୁ ଆଠ ନ ମାସ ମଧ୍ୟ ବିତିଗଲାଣି । ନିଜ ଯମାତ୍‌ର ଜେନେରାଲ୍ ସେକ୍ରେଟାରୀଙ୍କୁ Efficient କରନ୍ତୁ ଏବଂ ରିପୋର୍ଟ ପଠାନ୍ତୁ । ଏହା ସଦର ଏବଂ ଅମୀର୍ ମାନଙ୍କର କାର୍ଯ୍ୟ ଅଟେ ଯେ ସେମାନେ ଏଥିପ୍ରତି ଧ୍ୟାନ ରଖନ୍ତୁ ।

### ସେକ୍ରେଟାରୀ ତବ୍‌ଲିଗ୍

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ତବ୍‌ଲିଗ୍‌ଙ୍କୁ ସମ୍ବୋଧନ କରି କହିଲେ ଆପଣଙ୍କ Leaf letting ର ରିପୋର୍ଟ ତ ଏହା ଜଣାଉଛି ଯେ ଏତେଲକ୍ଷ୍ୟ ବଂଟନ ହୋଇଗଲା । କିନ୍ତୁ ସେହି ଲୋକମାନେ ବାଂଟୁଛନ୍ତି ଯେଉଁମାନେ ପ୍ରଥମ ଦିନରୁ ହିଁ ବାଂଟି ଚାଲିଛନ୍ତି । ବଂଟନ କରୁଥିବା ଲୋକଙ୍କ ସଂଖ୍ୟା ବଢୁଛି କି ନାହିଁ ?

ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ସେକ୍ରେଟାରୀ ସାହେବ୍ ତବ୍‌ଲିଗ୍ ବତାଇଲେ ଯେ ବର୍ତମାନ ପାଂଚ ହଜାରରୁ ଅଧିକ ଲୋକ Leaf letting ରେ ଭାଗ ନେଉଛନ୍ତି । ଏଥିରେ ହଜୁର୍ ଅନୁୱର୍ କହିଲେ ଖୁଦାମୁଲ୍ ଅହେମଦୀୟାର ତଜନିଦ୍ ଦଶ ହଜାର୍ ଏବଂ ଅନ୍‌ସାରୁଲ୍ଲାହ୍ ର ପାଂଚ ହଜାର୍ । ଏହି ଦୁଇଟି ମିଶାଇଦେଲେ ପନ୍ଦର ହଜାର୍ ହୋଇଗଲା ଏବଂ କିଛିକିଛି ଲଜ୍‌ନା ମାନେ ମଧ୍ୟ ଭାଗ ନେଉଥିବେ । ଲଜ୍‌ନାଙ୍କର ତଜନିଦ୍ ତେରହଜାର ପାଖାପାଖି । ଏହା ସବୁ ମିଶାଇ ଅଠେଇଶି ହଜାର୍ ହୋଇଯାଉଛି କିନ୍ତୁ କେବଳ ପାଂଚ ହଜାର୍ ଭାଗ ନେଉଛନ୍ତି ? ଯଦି ମୁସ୍ତକିଲ୍ (ପର୍ମାନେଟ୍) ଦାୟୀଆନେ ଇଲଲ୍ଲାହ୍ ବନୁ ନାହାଁନ୍ତି ତ ଅତି କମ୍‌ରେ ଲିଫ୍‌ଲେଟିଂରେ ସମସ୍ତଙ୍କୁ ସଂପୃକ୍ତ କରନ୍ତୁ ଯଦ୍ୱାର ପ୍ରତ୍ୟେକ ଅହେମଦୀଙ୍କ ମଧ୍ୟରେ ଏ ଭାବନା ସୃଷ୍ଟି ହେବ ଯେ ତାଙ୍କର ତବ୍‌ଲିଗ୍‌ରେ ମଧ୍ୟ ଭାଗ ନେବା ଉଚିତ୍ । ଆପଣମାନଙ୍କର ସାଢ଼େ ତିନିହଜାର୍ ୱାକ୍‌ଫିନ୍ ନୌ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପନ୍ଦର ବର୍ଷରୁ ଅଧିକ ପାଖାପାଖି ଦୁଇହଜାର୍ ଥିବେ । ଯଦି ଆପଣ ଏହିପରି ସମସ୍ତଙ୍କୁ ସଂପୃକ୍ତ କରିନେବେ ତାହାଲେ ତାଙ୍କଠାରୁ ବହୁତ କାମ ନିଆଯାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ସେକ୍ରେଟାରୀ ସାହେବ୍ ତବ୍‌ଲିଗ୍ କହିଲେ ଯେ ଏବର୍ଷ ପନ୍ଦର ଲକ୍ଷ୍ୟ ଲିଫ୍ ଲେଟସ୍ ବଂଟନ କରାଯାଇଛି । ଏଥିରେ ହଜୁର୍ କହିଲେ ଯଦି ପାଂଚ ହଜାର୍ ଲୋକେ ବାଂଟିଛନ୍ତି ତାହାଲେ ଜଣକ ପିଛା ତିନିଶହ ଲିଫ୍‌ଲେଟ୍ ପଡ଼ିଲା । ଯଦି ଆପଣମାନେ ଲିଫ୍‌ଲେଟ୍‌ସ ବଂଟନ କରିବା ଲୋକମାନଙ୍କୁ ସଂଖ୍ୟାକୁ ଦଶ ହଜାର୍ କରିନେବେ ତେବେ ଲିଫ୍‌ଲେଟ୍‌ସ ର ସଂଖ୍ୟା ତିନି ମିଲିୟନ୍‌ରେ ପହଂଚିଯିବ । ଯଦି ୱାକିଫିନେ ନୌ ମାନଙ୍କୁ, ଖୁଦାମୁଲ୍ ଅହେମଦୀୟାଙ୍କୁ, ଅନ୍‌ସାରୁଲ୍ଲାହ୍ ର ସଫେ ଦୌମ୍ ର ଅନ୍‌ସାର୍, ସଫେ ଅୱ୍‌ଲର ମଧ୍ୟ ବହୁତ ଅନ୍‌ସାର୍ ଯାଇପାରିବେ । ଏ ସମସ୍ତଙ୍କୁ ମୁସ୍ତକିଲ୍ (ପରମାନେଟ୍) ରୂପେ ସାମିଲ୍ କରିଦେବେ ତେବେ ଏହି ସଂଖ୍ୟା ଅତି କମ୍‌ରେ ଦଶ ହଜାର୍ ହୋଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ସେକ୍ରେଟାରୀ ତବ୍‌ଲିଗ୍ କହିଲେ ଯେ ଜର୍ମାନୀର ମୋଟ ଲୋକସଂଖ୍ୟା ହେଉଛି ଅଶୀ ମିଲିୟନ୍ । ଏଥିରେ ହଜୁର୍ ଅନୁୱର୍ କହିଲେ ଯଦି ଲୋକସଂଖ୍ୟା ଅଶୀ ମିଲିୟନ୍ ଓ ଆପଣମାନେ ୫.୧ ମିଲିୟନ୍ ବଂଟନ କରିଛନ୍ତି ତେବେ ଏହାର ଅର୍ଥ ହେଉଛି ଯେ ସମସ୍ତଙ୍କୁ ପହଂଚାଇବାକୁ ହେଲେ ଆପଣମାନଙ୍କୁ ପଚାଶ କି ଷାଠିଏ ବର୍ଷ ଲାଗିଯିବ । ପୁଣି କହିଲେ ମୁଁ ମଧ୍ୟ ଏହା କହିଛି ଯେ ଗୋଟିଏ ଯାଗାରେ ଯେତେବେଳେ ଆପଣ ବାଂଟୁଛନ୍ତି ସେଠି ଯମାତ୍‌ର ପରିଚୟ ବିର୍ଷୟରେ ଦ୍ୱିତୀର ପାମ୍ପଲେଟ୍ ଆସିବା ଉଚିତ୍ । ଥରେ ପରିଚୟ ହେବାପରେ ଲୋକମାନେ ପୁଣି ଭୁଲି ଯାଆନ୍ତି ।

ହଜୁର ଅନୁୱର୍ ଅ:ବ:ଅ କହିଲେ ଆପଣମାନେ ତ ଅହେମଦୀ ଅଛନ୍ତି ଏବଂ ଖିଲାଫତ୍ ସହିତ ବୟତ୍‌ର ସମ୍ପର୍କ ଅଛି । ଆପଣମାନେ ମୋ ଖୁଦ୍‌ବା ଶୁଣୁଛନ୍ତି, ଜଲ୍‌ସାରେ ଭାଷଣ ଶୁଣୁଛନ୍ତି, ଜୁମାରେ ଖୁଦ୍‌ବା ଶୁଣୁଛନ୍ତି । ଗୋଟିଏ ଖୁତ୍‌ବା ଜୁମାରେ ଯାହା କଛ ଉପଦେଶ ଦିଆଯାଉଛି ତାକୁ ଆପଣମାନେ ଆର ଜୁମା ଦିନ ଭୁଲି ଯାଉଛନ୍ତି । ଏପରି ଅବସ୍ଥାରେ ଯେଉଁମାନେ ଅହେମଦୀମଧ୍ୟ ନୁହଁନ୍ତି, ଖ୍ରୀଷ୍ଟିଆନ୍ ଅଟନ୍ତି ବା ଧର୍ମ ସମ୍ବନ୍ଧରେ କୌଣସି ସମ୍ପର୍କ ନ ରଖିଥିବା ବ୍ୟକ୍ତି ଅଟନ୍ତି, ଆପଣମାନେ ତାଙ୍କଠାରୁ କଣ ଆଶା କରୁଛନ୍ତି ଯେ ଛଅ ସାତ ବର୍ଷ ପରେ ସେମାନଙ୍କୁ ମନେପକାଇବେ ଏବଂ ତାଙ୍କୁ ଯମାତ୍ ବିଷୟରେ କିଛି ମନେ ଥିବ ବୋଲି ?

ସେକ୍ରେଟାରୀ ତବ୍‌ଲିଗ୍ କହିଲେ ଯେ ଆମର କାର୍ଯ୍ୟ ଶୈଳୀ ଏପରି କରାଯାଉଛି ପ୍ରଥମେ ପ୍ରଥମ ଫ୍ଲାୟର୍ ପରେ ଦ୍ୱିତୀୟ ଫ୍ଲାୟର୍ ବଂଟାଯାଉଛି । ପୁଣି ତୃତୀୟ ଫ୍ଲାୟର ବଂଟା ହେଉଛି । ହଜୁର୍ ଅନୁୱର୍ ପଚାରିବାରୁ ସେକ୍ରେଟାରୀ ସାହେବ୍ ବତାଇଲେ ଯେ ଦ୍ୱିତୀୟ ଫ୍ଲେୟାର୍ ର ପାଳି ପାଖାପାଖି ଏକ ବର୍ଷ ପରେ ପଡ଼ିଥାଏ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ଏଥିଯୋଗୁଁ ହେଉଛି ଯେ ଆପଣମାନଙ୍କ ପାଖରେ ମ୍ୟାନ୍ ପାୱାର୍ କମ୍ ଅଛି । ଲୋକମାନଙ୍କର ସଂପୃକ୍ତି କମ୍ ଅଛି ଯଦିଚ ଏହା ଅଧିକ କରାଯାଇପାରିବ । ଲୋକମାନଙ୍କର ସଂଖ୍ୟା ବଢ଼ାନ୍ତୁ । ଯଦି ପ୍ରତ୍ୟେକ ଅହେମଦୀଙ୍କୁ ଏହି କାମରେ ଭାଗ ନେବାର ଭାବନ ସୃଷ୍ଟି ହୋଇଯିବ ତେବେ ଏହାଦ୍ୱାରା ତର୍‌ବିୟତି ଦୃଷ୍ଟିକୋଣରୁ ମଧ୍ୟ ଭଲ କାମ ହୋଇପାରିବ । ଲୋକମାନଙ୍କ ମଧ୍ୟରେ ସାହାସ ଜନ୍ମିବ ଯେ ଆମେ ଏହି ପାମ୍ପଲେଟ୍ ଗୁଡିକୁ ବଂଟନ କରି ଯମାତ୍ ଅହେମଦୀୟାର ପ୍ରତିନିଧିତ୍ୱ କରୁଅଛୁ । ଲୋକମାନେ ଯେତେବେଳେ ଲିଫ୍‌ଲେଟ୍ ନେବେ ବା ମୁଖାଲିଫତ୍ କରିବେ ସେତେବେଳେ ଆମ ଭିତରେ ସାହାସ ଜନ୍ମ ହେବ ଏବଂ ଏହି ଭାବନା ସୃଷ୍ଟି ହେବ ଯେ ଆମର କଣ ଦାୟିତ୍ୱ ଅଛି । ଏହି ଦାୟିତ୍ୱକୁ କରିବା ପାଇଁ ମଧ୍ୟ ତବ୍‌ଲିଗ୍ ରେ ଆଗକୁ ଆସିବା ଜରୁରୀ ଅଟେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଆଜିଠାରୁ ପାଂଚବର୍ଷ ପୂର୍ବେ କହିଥିଲି ଯେ ଏପରି ଯୋଜନା ବନାନ୍ତୁ ଯେ ଆସନ୍ତା ଦଶ ବର୍ଷରେ ଆପଣଙ୍କ ପ୍ରତ୍ୟେକ ନାଗରିକମାନଙ୍କୁ ଯମାତ୍ ବିଷୟରେ ପରିଚୟ ହୋଇଯାଉ । ଆପଣମାନଙ୍କର ମସ୍‌ଜିଦ୍ ନିର୍ମାଣ ହେଉଅଛି ଏବଂ ସେଠାରୁ ମୋତେ ଫିଡ୍‌ବ୍ୟାକ୍ ଆସୁଅଛି । ଏଥିରୁ ଲାଗୁଛି ଯେଉଁଠି ମସ୍‌ଜିଦ୍ ନିର୍ମାଣ ହେଉଛି ସେଠାରେ ମଧ୍ୟ ପରିଚୟ ହୋଇନାହିଁ । ତେବେ ବାକି ସ୍ଥାନରେ କଣ ହେବ ? ହଜୁର୍ ଅନୁୱର୍ କହିଲେ ଯେଉଁଠି ଅଧିକ ଲୋକସଂଖ୍ୟା ଅଛନ୍ତି ପ୍ରଥମେ ସେହି ଇଲାକାକୁ କଭର କରନ୍ତୁ । ଏହା ପରେ ଅନ୍ୟ ପ୍ରଦେଶ ସ ଅନ୍ୟ ଇଲାକା କୁ ଯାଆନ୍ତି । ଯୋଜନା ବଦ୍ଧ ସହିତ କାର୍ଯ୍ୟ କରନ୍ତୁ । ଆପଣମାନଙ୍କ ପାଖରେ ଯେଁ ଖୁଦାମ୍ ଓ ଅନ୍‌ସାର୍‌ର ମ୍ୟାନ୍ ପାୱାର୍ ଅଛନ୍ତି ତାଙ୍କଠାରୁ କାମ ନିଅନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ସେକ୍ରେଟାରୀ ତବଲିଗ୍ ସାହେବ ବତାଇଲେ ଯେ ଏବର୍ଷ ୧୨୬ ଟି ବୟତ ହୋଇଛି । ସେଥିମଧ୍ୟରୁ ୫୯ଜଣ ହେଉନ୍ତି ଆରବୀୟ ଏବଂ ୩୨ଜଣ ହେଉଛନ୍ତି ଜର୍ମାନୀର ।

### ସେକ୍ରେଟାରୀ ତରବିୟତ୍

ହଜୁର୍ ଅନୁୱର୍‌ଙ୍କ ପଚାରିବା ପରେ ସେକ୍ରେଟାରୀ ତର୍‌ବିୟତ କହିଲେ ତର୍‌ବିୟତ୍ ପ୍ରଶଙ୍ଗରେ ଯମାତ୍ ତରଫରୁ ଯେଉଁ ସବୁଠାରୁ ବଡ଼ ଚେଷ୍ଟା କରାଯାଉଛି ତାହା ହେଉଛି ମସ୍‌ଜିଦ୍ ମାନଙ୍କୁ ଆବାଦ କରିବା ଏଥିପ୍ରତି ବଶେଷ ଚେଷ୍ଟା କରାଯାଉଛି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଦୁଇମାସ ପୂର୍ବରୁ ମୁଁ ବିଶେଷ କରି ନମାଜ ସମ୍ପର୍କରେ ଗୋଟିଏ ଖୁତ୍‌ବା ଦେଇଥିଲି । ବିଭିନ୍ନ ସ୍ଥାନରୁ ଏବଂ ବଡ଼ ବଡ଼ ଯମାତ୍‌ରୁ ରିପୋର୍ଟ ମିଳୁଛି ଯେ ଠେ ସୁଧାର ହୋଇଛି । ଆପଣଙ୍କର ଏଠାରେ

କେତେ ସୁଧାର ହୋଇଛି ? ଏ ପ୍ରଶ୍ନର ଉତ୍ତରରେ ସେକ୍ରେଟାରୀ ସାହେବ ତରବିୟତ୍ କହିଲେ ଯେ ଅଲ୍ଲାହ୍‌ଙ୍କ ଦୟାବଳରୁ ଏଠି ଜର୍ମାନୀରେ ମଧ୍ୟ ବହୁତ ସୁଧାର ହୋଇଛି । ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଖୁତ୍‌ବା ପ୍ରସଙ୍ଗରେ ଆମ୍ଭେ ମଜ୍‌ଲିସ୍ ଆମ୍‌ଲାର ମେମ୍ବର୍‌ମାନଙ୍କ ନିମନ୍ତେ କାର୍ଡ଼ ପ୍ରସ୍ତୁତ କରିଅଛୁ । ଫଳତଃ ଆମ୍‌ଲାର ମେମ୍ବର୍‌ମାନେ ମସ୍‌ଜିଦ୍‌ରେ ଉପସ୍ଥିତ ହେବେ ଏବଂ ଅନ୍ୟ ଲୋକମାନଙ୍କ ପାଇଁ ନିଜର ନମୁନା ଉପସ୍ଥାପନ କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ ସେହି ଯମାତ୍ ବାବଦରେ ପଚାରି ବୁଝିଲେ ଯେ ଯେଉଁମାନଙ୍କ ପାଖରେ ନମାଜ ସେଂଟର୍ ନାହିଁ । ଏଥିରେ ଯମାତ୍‌ର ସଦର କହିଲେ ସେ ସହରରେ ଗୋଟିଏ ହଲ୍ ଅଛି, ସେଠି ଜୁମା ଇତ୍ୟାଦି ପଢ଼ି ନେଉଛୁ । ହଜୁର୍ ଅନୁୱର୍‌ଙ୍କ ପଚାରିବାରୁ ସଦର ସାହେବ୍ କହିଲେ ଯେ ତାଙ୍କ ଆମ୍‌ଲାର ମେମ୍ବର୍‌ମାନଙ୍କ ସଂଖ୍ୟା-୧୭ ଏବଂ ଜୁମାରେ ପାଖାପାଖି ୨୦ ଜଣଙ୍କ ଉପସ୍ଥିତି ହୋଇଯାଉଛି । ଏଥିରେ ହଜୁର୍ କହିଲେ ସର୍ବପ୍ରଥମେ ତ ଆପଣ ନିଜର ଆମ୍‌ଲାର ମେମ୍ବର୍‌ମାନଙ୍କୁ ନମାଜରେ ରେଗୁଲାର୍ କରନ୍ତୁ । ସର୍ବପ୍ରଥମ ଇସ୍‌ଲାହ ଘରୁ ଆରମ୍ଭ କରନ୍ତୁ । ଆପଣଙ୍କ ଘର ହେଉଛି ଆପଣଙ୍କ ଆମ୍‌ଲା । ତେଣୁ ସର୍ବପ୍ରଥମେ ଆମ୍‌ଲାର ମେମ୍ବର୍‌ମାନଙ୍କ ଇସ୍‌ଲାହା କରନ୍ତୁ । ଯଦି ଆମ୍‌ଲାର ମେମ୍ବର୍‌ମାନେ ଠିକ୍ ହୋଇଯିବେ ଏବଂ ନିଜକୁ ସୁଧାରିନେବେ ତେବେ ବାକି ସଦସ୍ୟମାନେ ମଧ୍ୟ ଆପେ ଆପେ ସୁଧୁରି ଯିବେ । ତେଣୁ ଆପଣମାନେ ଅନ୍ୟକୁ ସୁଧାରିବା ଛାଡ଼ି ପ୍ରଥମେ ନିଜକୁ ସୁଧାରନ୍ତୁ ।

ଏହାପରେ ସେକ୍ରେଟାରୀ ତରବିୟତ୍ କହିଲେ ଯେ ଏତଦ୍‌ବ୍ୟତୀତ ପାରିବାରିକ ସମସ୍ୟାଗୁଡ଼ିକୁ ସମାଧାନ କରିବାପାଇଁ ଚେଷ୍ଟା କରାଯାଉଛି । ସେଥିପାଇଁ ଆମ୍ଭେ ମୁରବୀମାନଙ୍କୁ ସାଥିରେ ନେଇ ଯୋଜନାବଦ୍ଧ ରୂପେ କାର୍ଯ୍ୟ ସଂପାଦନ କରୁଅଛୁ ।....

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହିପରି ଇସ୍‌ଲାହି କମିଟିର ଏ କାର୍ଯ୍ୟ ନୁହେଁ ଯେ ଯେତେବେଳେ ଘଟଣା ଘଟିଯାଏ ତା ପରେ ସେମାନେ ଦୃଷ୍ଟି ଦେବେ । ବରଂ ଲଜ୍‌ନା ମାନେ ନିଜ ନିଜର ଲେଭୁଲ୍‌ରେ ଖୁଦାମ୍ ନିଜ ଲେଭୁଲ୍‌ରେ, ଅନ୍‌ସାର୍ ମାନେ ନିଜ ନିଜର ଲେଭୁଲ୍‌ରେ ଏବଂ ଯମାତି ଦୃଷ୍ଟିକୋଣରୁ ମଧ୍ୟ ଇସ୍‌ଲାହି କମିଟିର ମେମ୍ବର୍‌ମାନଙ୍କୁ ପ୍ରତ୍ୟେକ ଯାଗାରେ ଦୃଷ୍ଟି ଦେବା ଉଚିତ୍ ।...

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାରେ ସ୍ୱାଧୀନତା ନାମରେ ପୁରୁଷମାନେ ଅଧିକ ସ୍ୱାଧୀନ ହୋଇ ଚାଲିଛନ୍ତି । ଏବଂ ଏଠି ଜନ୍ମ ହୋଇଥିବା ପୁଅ ଓ ଝିଅମାନଙ୍କର ମଧ୍ୟ ଅଭିଯୋଗ ଆସୁଛି । କିଛି ଲୋକମାନେ ଯିଏ ପାକିସ୍ତାନ୍‌ରୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ କିଛି ମଧ୍ୟ ପୁଅ ଝିଅଙ୍କର ଅଭିଯୋଗ ଆସୁଛି । ତେବେ ସଂପୁର୍ଣ୍ଣ ରୂପେ ଅନୁଧ୍ୟାନ କରିବାର ଆବଶ୍ୟକତା ଅଛି ଯେ କେଉଁଠି ଦୁର୍ବଳତା ରହୁଛି ଯାହାର ଆମେ ସମାଧାନ କରିପାରିବା ଏବଂ କିଏ ଅଧିକ ଭୁଲ୍ କରୁଛି ଏବଂ ଭୁଲ୍‌ର କି ପ୍ରକାର କାରଣ ଅଛି ।..

ସେକ୍ରେଟାରୀ ତରବିୟତ୍ କହିଲେ ଯେ ଆମ୍ଭେ ସେକ୍ରେଟାରୀ ତରବିୟତ୍ ମାନଙ୍କୁ ଏବର୍ଷ ଆକ୍ଟିଭ୍ କରୁଅଛୁ ଏବଂ ରିଫ୍ରେସର୍ କୋର୍ସ ମଧ୍ୟ କରାଇଛୁ । ଇନ୍‌ଶାଆଲା ଆହୁରି କିଛି ଆଗକୁ କାମକରିବୁ । ଏଥିରେ ହଜୁର୍ ଅନୁୱର୍ କହିଲେ ଏବର୍ଷ କାହିଁକି ଆକ୍ଟିଭ୍ କରାଇଲ ? ଆପଣମାନଙ୍କ ପ୍ରଥମେ ଆକ୍ଟିଭ୍ କରାଇବାର ଥିଲା । ଏହାର ଫଳ ବି ବାହାରିବା ଉଚିତ୍ । ଆପଣମାନେ ଇନ୍‌ଶାଅଲ୍ଲାଃ ରୁ ମାଶାଅଲ୍ଲାଃ ମଧ୍ୟ କରନ୍ତୁ ।

## ସେକ୍ରେଟାରୀ ରିଶ୍ତାନାତା

ସେକ୍ରେଟାରୀ ରିଶ୍ତାନାତା ନିଜ ରିପୋର୍ଟ ଉପସ୍ଥାପନ କରି କହିଲେ ଆମ ପାଖରେ ଯେଉଁ ରିଷ୍ତା ଧାର୍ଯ୍ୟ କରାଯାଉଛି ସେମାନଙ୍କ ସଂଖ୍ୟା ବହୁତ କମ୍ ଅଟେ । ଏଥିରେ କିଛି ସମସ୍ୟା ଅଛି । ପୁଅମାନଙ୍କର ସଂଖ୍ୟା ବହୁତ କମ୍ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏ ସମସ୍ୟା ତ ଦୁନିଆର ପ୍ରତ୍ୟେକ ସ୍ଥାନରେ ଅଛି । ପ୍ରଥମତଃ ପୁଅମାନଙ୍କର ସଂଖ୍ୟା କମ୍, ତା ଉପରେ ଶିକ୍ଷାଗତ ଯୋଗ୍ୟତା ମଧ୍ୟ କମ୍ । କିନ୍ତୁ ଝିଅମାନଙ୍କୁ ତ ବିବାହ କରିବାକୁ ହେବ । ସେଥିଯୋଗୁଁ ମୁଁ ଗୋଟିଏ ଇଂଟର୍ ନ୍ୟାଶିନାଲ୍ କମିଟି ମଧ୍ୟ ଗଠନ କରିଛି । ଆପଣ ତବ୍‌ସିର୍ ବାଲାଙ୍କ ନିକଟକୁ କେତେ ବାୟୋଡାଟା ପଠାଇଛନ୍ତି ? ଏଥିରେ ସେକ୍ରେଟାରୀ ରିଶ୍ତାନାତା କହିଲେ ଯେ ମର୍କଜ୍‌ରେ ଯେଉଁ କମିଟି କାମ କରୁଛି ସେଠାକୁ ଆମେ ଏପର୍ଯ୍ୟନ୍ତ କୌଣସି ବାୟୋଡାଟା ପଠାଇପାରିନାହୁଁ । କାରଣ କିଛି କାନୁନି ପ୍ରତିବନ୍ଧ ଅଛି । ଏଥିରେ ହଜୁର୍ ଅନୁୱର୍ କହିଲେ ମୁଁ ବୁଝିପାରୁନାହିଁ କାନୁନି ପ୍ରତିବନ୍ଧ କଣ ? ଆପଣଙ୍କ ତରଫରୁ ଉତ୍ତର ଆସିଲା ଯେ ବାୟୋଡାଟା ଏଥିପାଇଁ ପଠାଇପାରୁନାହୁଁ ଯେ ପର୍ସନାଲ୍ ବାୟୋଡାଟା ନ ପଚାରି ଅନ୍ୟ ଦେଶକୁ ଆମେ ପଠାଇପାରିବୁ ନାହିଁ । ମୁଁ ବୁଝିପାରୁନାହିଁ ଦୁନିଆର ବାକି ଦେଶଗୁଡ଼ିକ ତ ପଠାଉଛନ୍ତି । ଜଣେ ଅହେମଦୀ ଯେତେବେଳେ ବୟତ୍ କରିନିଏ ତେବେ ସେ ଅହେମଦୀ । ଆପଣମାନେ କୌଣସି ଗଏର୍ ଅହେମଦୀଙ୍କ ବାୟୋଡାଟା ତ ପଠାଇ ନାହାଁନ୍ତି ଯେ ସେମାନେ କୋର୍ଟରେ ଯାଇ ଆପଣମାନଙ୍କୁ Sue କରିଦେବ । ଏହା ହେଉଛି କେବଳ ଗୋଟିଏ ବାହାନା ।....

ସେକ୍ରେଟାରୀ ରିଶ୍ତାନାତା କହିଲେ ଯେ ଆମେ ଗୋଟିଏ ଘର ତିଆରି କରିଛୁ ଯାହାକୁ ଲୋକମାନେ ପୁରଣ କରୁନାହାଁନ୍ତି । ଏଥିରେ ହଜୁର୍ କହିଲେ ଏହା ସେତେବେଳେ ହୋଇପାରିବ ଯେତେବେଳେ ଆପଣଙ୍କର ସଦରମାନେ ଆକ୍ଟିଭ୍ ହେବେ ଏବଂ ସମ୍ପର୍କୀୟ ସେକ୍ରେଟାରୀ ରିଶ୍ତାନାତା ମାନେ ଆକ୍ଟିଭ୍ ହେବେ । ପ୍ରତ୍ୟେକ ସ୍ଥାନରେ ସଂପର୍କୀୟ ସେକ୍ରେଟାରୀ ରିଶ୍ତାନାତାଙ୍କୁ ଆକ୍ଟିଭ୍ କରାଇବା ମଧ୍ୟ ଆପଣମାନଙ୍କର କାମ ।...

## ସେକ୍ରେଟାରୀ ତେହ୍‌ରିକେ ଯଦିଦ୍

ସେକ୍ରେଟାରୀ ତେହ୍‌ରିକେ ଯଦିଦ୍ ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି ଜଣାଇଲେ ଯେ ଆଜୁ ତହ୍‌ରିକେ ଯଦିଦ୍‌ରେ ୩୪ ହଜାର୍ ଲୋକଙ୍କର ସାମିଲ୍ ହେବାପାଇଁ ଟାର୍ଗେଟ୍ ମିଳିଥିଲା ଯାହାକୁ ଆମେ ପୁରା କରିଦେଇଛୁ । ଆସନ୍ତା ବର୍ଷର ଟାର୍ଗେଟ୍ ୩୫ ହଜାର୍ ଅଛି ।

ଏଥିରେ ହଜୁର୍ ଅନୁୱର୍ କହିଲେ ସେଥିଯୋଗୁ ମୁଁ କହିଥିଲି ଯେ ଯଦି କିଏ ଚାହୁଁଛି ଏକ ୟୁରୋ ଦେବାକୁ ବା ୫୦ ସେଂଟ୍ ଦେବାକୁ ତେବେ ତାଙ୍କୁ ସାମିଲ୍ କରନ୍ତୁ ଏବଂ ସଂଖ୍ୟା ବଢ଼ାଇବା ପାଇଁ ଚେଷ୍ଟାକରନ୍ତୁ । ଲୋକମାନଙ୍କ ମାଲି କୁରୁବାନୀ କରିବାର ଅଭ୍ୟାସ ହେବା ଉଚିତ୍ ।...

## ସେକ୍ରେଟାରୀ ୱସାୟା

ଏହାପରେ ସେକ୍ରେଟାରୀ ୱସାୟା ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି ଜଣାଇଲେ ଯେ ବର୍ତ୍ତମାନ ମୁସିଆନ୍ ଙ୍କର ମୋଟ୍ ସଂଖ୍ୟା ହେଉଛି ୧୧୫୮୯ । ପୁଣି ହଜୁର୍ ଅନୁୱର୍‌ଙ୍କର ପଚାରିବା ପରେ ବତାଇଲେ ଯେ ରୋଜଗାର୍ କରୁଥିବା ମୋଟ ଲୋକଙ୍କ ସଂଖ୍ୟା ହେଉଛି ୧୪୬୧୮ । ଏଥିରେ ହଜୁର୍ ଅନୁୱର୍ କହିଲେ ଏହାର ଅର୍ଥ ହେଉଛି ଆପଣମାନଙ୍କୁ ପଚାଶ ପ୍ରତିଶତର ଯେଉଁ ଟାର୍ଗେଟ୍ ମିଳିଥିଲା ତାହା ପୁରଣ କରିସାରିଛନ୍ତି । ପୁଣି କହିଲେ ଯଦି ଆପଣମାନଙ୍କ ରୋଜଗାର୍ କରୁଥିବା ଲୋକମାନଙ୍କ ସଂଖ୍ୟା ହେଉଛି ୧୪୦୦୦ ତେବେ ବାକି ୨୮୦୦୦ ଜଣ ବେକାର ବସିଛନ୍ତି ? ଏଥିରେ ସେକ୍ରେଟାରୀ ୱସାୟା ବତାଇଲେ ଯେ ଚାନ୍ଦା ଦେଉଥିବା ମୋଟ୍ ଲୋକମାନଙ୍କ ସଂଖ୍ୟା ହେଉଛି ୧୯୪୦୦ । ସେଥିରେ ପକେଟ୍ ଖର୍ଚ୍ଚ କରୁଥିବା ଲୋକେ ଓ ରୋଜଗାର କରୁଥିବା ଲୋକେ ମଧ୍ୟ ସାମିଲ୍ ଅଛନ୍ତି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପକେଟ୍ କରୁଥିବା ଲୋକମାନଙ୍କ ଉପରେ ତ କୌଣସି ଚାନ୍ଦା ଧାର୍ଯ୍ୟ ନାହିଁ । ଯଦି କିଏ ୱସିୟତ୍ କରିଛି ତାହାଲେ ୱସିୟତ୍ ହେବ । କିନ୍ତୁ ଯିଏ ପକେଟ୍ ଖର୍ଚ୍ଚ ନେଉଛି ବା ଘରର ମହିଳାମାନେ ବା ପିଲାମାନେ ବା କାହାକୁ କିଛି ଉପହାର ସଦୃଶ ପକେଟ୍ ଖର୍ଚ୍ଚ ମିଳେ ତେବେ ତା ଉପରେ ଚାନ୍ଦା ଆମ୍ ଲାଗୁ ହୁଏନାହିଁ କାରଣ ସେହି ରୋଜଗାରକ୍ଷମ ନୁହେଁ । ରୋଜଗାରକ୍ଷମ ବ୍ୟକ୍ତି ସେ ଯିଏ ଚାକିରୀ କରିଥାଏ, ବିଜନେସ୍ କରିଥାଏ, ଠିକାଦାରୀ କରିଥାଏ ବା କୌଣସି ମାଧ୍ୟମରେ ତାକୁ ମାସିକ ଆୟ ହୋଇଥାଏ । ଏଥିରେ ଷ୍ଟୁଡେଂଟ୍‌ସ୍ ଏବଂ ଘରର ମହିଳାମାନେ ସାମିଲ୍ ନୁହଁନ୍ତି । ଯଦି ଆପଣମାନେ ଷ୍ଟୁଡେଂଟ୍‌ଙ୍କୁ ଏବଂ ହାଉସ୍ ୱାଇଫ୍ (ଘରର ସ୍ତ୍ରୀ ଲୋକ) ମାନଙ୍କୁ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସାମିଲ୍ କରୁଛନ୍ତି ଯେ ସେମାନଙ୍କର ସ୍ୱାମୀମାନେ ତାଙ୍କୁ ୨୦୦ ୟୁରୋ ଦେଉଛନ୍ତି କିମ୍ବା କୌଣସି ପିଲାଙ୍କୁ ୧୦୦ ୟୁରୋ ମିଳିଯାଉଛି ତେବେ ସେମାନେ ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରେ ସାମିଲ୍ ନୁହଁନ୍ତି ।...

ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ପଚାରିବାରୁ ସଦର ଖୁଦାମୁଲ୍ ଅହେମଦୀୟା ବତାଇଲେ ଯେ ସେମାନଙ୍କର ତଜନିଦ୍ ୧୦୦୦୦ । ଯଦିଚ ସେଥି ମଧ୍ୟରୁ ୫୦୦୦ ରୋଜଗାରକ୍ଷମ ଅଛନ୍ତି । ଏହିପରି ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ବତାଇଲେ ଯେ ତାଙ୍କର ତଜନିଦ୍ ୫୬୦୦ । ଯଦିଚ ତାଙ୍କ ମଧ୍ୟରୁ ରୋଜଗାରକ୍ଷମ ହେଉଛନ୍ତି ୪୦୦୦ । ଏଥିରେ ହଜୁର୍ ଅନୁୱର୍ କହିଲେ ଏହାର ଅର୍ଥ ହେଉଛି ୧୪୦୦୦ ରୁ ବାକି ୫୦୦୦ ମହିଳାମାନେ ରୋଜଗାର କରୁଛନ୍ତି ? ସେକ୍ରେଟାରୀ ସାହେବ୍ କହିଲେ ଯେ ତାଙ୍କ ପାଖରେ ଯେଉଁ ବଜେଟ୍ ଅଛି ତାହା ଯମାତ୍ ମାନଙ୍କରୁ ଆସିଛି । ଏଥିରେ ହଜୁର୍ କହିଲେ ଏହାର ଅର୍ଥ ହେଉଛି ଖୁଦାମୁଲ୍ ଅହେମଦୀୟା ତା ନିଜ ପରିଶର ଭିତରେ ସଠିକ୍ କାମ କରୁନାହାଁନ୍ତି ।

ସେମାନଙ୍କୁ ଜଣାନାହିଁ ଯେ ତାଙ୍କ ଭିତରୁ କେତେ ରୋଜଗାରକ୍ଷମ ଅଛନ୍ତି । ସେହିପରି ଅନ୍‌ସାରୁଲ୍ଲାଃ ମଧ୍ୟ ଠିକ୍ କାର୍ଯ୍ୟ କରୁନାହାଁନ୍ତି । ତାଙ୍କୁ ମଧ୍ୟ ଜଣାନାହିଁ ଯେ କେତେଜଣ ରୋଜଗାର କରୁଛନ୍ତି । ପୁଣି କହିଲେ ଆପଣଙ୍କ ପାଖରେ ଯେଉଁ ରିପୋର୍ଟ ଅଛି ଏଥିରେ ଖୁଦ୍ଦାମ୍ ଏବଂ ଅନ୍‌ସାରଙ୍କ ରିପୋର୍ଟ ଟାଲି କରୁନାହିଁ । ଏବେ ଆପଣଙ୍କର ଫିଗର୍ ଭୁଲ୍ ହୋଇଥିବ ବା ଏହି ଦୁଇଟି ତନଜିମ୍ ସଠିକ୍ କାର୍ଯ୍ୟ କରୁନଥିବେ ।

ହଜୁର୍ ଅନ୍ୱୱର୍ ଅ:ବ:ଅ ଜର୍ମାନୀ ଯମାତ୍‌ର ତଜନିଦ୍‌ର ଅନୁଧ୍ୟାନ କଲେ । ତା ମୁତାବକ ସାତ ବର୍ଷରୁ କମ୍ ବୟସ ପିଲାମାନଙ୍କର ସଂଖ୍ୟା ପାଖାପାଖି ୫୦୦୦ ହେଲା । ଯଦିଚ ଆତ୍‌ଫାଲ୍ ଏବଂ ନାଶରାତ୍‌ଙ୍କ ସଂଖ୍ୟା ୬୫୦୦ ହେଲା । ଏହା ବ୍ୟତୀତ ଷ୍ଟୁଡେଂଟ୍‌ଙ୍କ ସଂଖ୍ୟା ପାଖାପାଖି ୪୦୦୦ । ହଜୁର୍ ଅନ୍ୱୱର୍ କହିଲେ ଏହାକୁ ବାଦ୍‌ଦେଲେ ଲଜନାର ତଜନିଦ୍ ୧୩୦୦୦ । ସେମାନଙ୍କ ମଧ୍ୟରୁ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଝିଅଙ୍କୁ ଯଦି ବାହାର କରିଦିଆଯାଏ ତେବେ ବାକି ୭୦୦୦ ରହୁଛି । ଏହିପରି ସବୁକିଛି ମିଶାଇଦେଲେ ଅଧିକରୁ ଅଧିକ ୧୮୦୦୦ ସଂଖ୍ୟା ହେଉଛି । କିନ୍ତୁ ସେକ୍ରେଟାରୀ ସାହେବ୍ ଯେଉଁ ରିପୋର୍ଟ ମୋତେ ଦେଇଛନ୍ତି ତାଙ୍କ ହିସାବରେ ୨୯୦୦୦ ସଂଖ୍ୟା ହେଉଛି । ଏଥିରୁ ଜଣାପଡୁଛି ଜେଲି ତନ୍‌ଜିମ୍‌ର ନିଜାମ୍ ଆକ୍ଟିଭ୍ ନୁହଁନ୍ତି ।...

### ତସ୍‌ନିଫ୍

ହଜୁର୍ ଅନ୍ୱୱର୍ ଅ:ବ:ଅ ଙ୍କୁ ପଚାରିବା ପରେ ତସ୍‌ନିଫ୍ ବିଭାଗର ଇନ୍‌ଚାର୍ଯ୍ୟ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ଏ ବର୍ଷ ଦୁଇଟି ପୁସ୍ତକ ପ୍ରିଂଟିଂ ହୋଇଅଛି । ଗୋଟିଏ ପ୍ରିଂଟ୍ ହୋଇ ଆସିସାରିଛି । ଆଉ ଗୋଟିଏ ଆସିବାକୁ ଅଛି । ଦୁଇଟି କିତାବର ଲେଆଉଟ୍ ପ୍ରସ୍ତୁତ ହେଉଅଛି । ଏଥିରେ ହଜୁର୍ ଅନ୍ୱୱର୍ କହିଲେ ''ଠିକ୍ ହେ'' ।

### ଆଡ଼ିସିନାଲ୍ ସେକ୍ରେଟାରୀ ମାଲ୍

ଆଡ଼ିସିନାଲ୍ ସେକ୍ରେଟାରୀ ମାଲ୍ ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି ଜଣାଇଲେ ଯେ ବଜେଟ୍ ଇତ୍ୟାଦି ପ୍ରସ୍ତୁତ କରିବା ବିଷୟରେ ସମସ୍ତ ସେକ୍ରେଟାରୀ ମାଲ୍‌ଙ୍କ ସହିତ ସମ୍ପର୍କ କରାଯାଉଛି । ହଜୁର୍ ଅନ୍ୱୱର୍ କହିଲେ ସେକ୍ରେଟାରୀ ମାଲ୍‌ମାନଙ୍କୁ ଦରକାର୍ ଯେ ବଜେଟ୍ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ଘରେ ପହଂଚନ୍ତୁ । ପୁଣି କହିଲେ ଅସଲ ଜିନିଷ ହେଉଛି ମାଲି କୁର୍‌ବାନୀର ଗୁରୁତ୍ୱ ଯାହାକୁ ଆପଣମାନେ ବତାଇବେ । ସେକ୍ରେଟାରୀ ତର୍‌ବିୟତ୍‌ଙ୍କର୍ ମଧ୍ୟ କାମ ହେଉଛି ଯେ ଲୋକମାନଙ୍କୁ ମାଲି କୁର୍‌ବାନୀର ଗୁରୁତ୍ୱ ବିଷୟରେ ଧ୍ୟାନ ଆକର୍ଷଣ କରାଇବା । କୁର୍‌ବାନୀ ବିଷୟରେ ଯଦି ଚେତନା ସୃଷ୍ଟି ହୁଏ ତେବେ ବାକି ସବୁ ଆପେ ଆପେ ଠିକ୍ ହୋଇଯାଏ ।

### ସେକ୍ରେଟାରୀ ମାଲ୍

ହଜୁର୍ ଅନ୍ୱୱର୍‌ଙ୍କୁ ପଚାରିବା ପରେ ସେକ୍ରେଟାରୀ ମାଲ୍ ସାହେବ୍ କହିଲେ ଯେ ଆମ ପାଖରେ Individual Budget Assessment form ଅଛି ।

ହଜୁର୍ ଅନ୍ୱୱର୍ ଅ:ବ:ଅ ଙ୍କ ପଚାରିବା ପରେ ସେକ୍ରେଟାରୀ ମାଲ୍ କହିଲେ କି ଏଠି ଜର୍ମାନୀରେ Minumum wages (884) ୟୁରୋ । ଏପରି ଅନୁଭବ ହେଉଛି ଯେ ଲୋକମାନେ ଅସଲ ଇନ୍‌କମ୍ ଉପରେ ବଜେଟ୍ ଲେଖାଉ ନାହାଁନ୍ତି । ଏବେ ଆମେ ଯୋଜନା ପ୍ରସ୍ତୁତ କରୁଛୁ କି ଯମାତ୍‌ର ଲୋକମାନଙ୍କୁ ବତାଇ ଦିଆଯିବ ଯେ ଲାଜ୍‌ମି ଚାନ୍ଦା (ଧାର୍ଯ୍ୟ ଚାନ୍ଦା) ଅସଲ ଇନ୍‌କମ୍ ଉପରେ ଲେଖାଇବା କାହିଁକି ଜରୁରୀ ଅଟେ? ଆସନ୍ତା ଆମ୍‌ଲାର ମିଟିଂ ରେ ଆମେ ଏହି ଯୋଜନା ଉପସ୍ଥାପନ କରିବୁ । ଏଥିରେ ହଜୁର୍ ଅନ୍ୱୱର୍ ଅ:ବ:ଅ କହିଲେ ଯେଉଁମାନେ ନିଜର ଆର୍ଥିକ ଅବସ୍ଥା କାରଣରୁ ଚାନ୍ଦା ଦେଇପାରୁନାହାଁନ୍ତି ସେମାନେ ବତାଇ ଦିଅନ୍ତୁ ଯେ ଆମେ ଦେଇପାରିବୁ ନାହିଁ । କିନ୍ତୁ ଏପରି କହିବା ଭୁଲ୍ ଅଟେ ଯେ ଆମର ଇନ୍‌କମ୍ ଏତିକି ବୋଲି । ଏପରି ଇନ୍‌କମ୍‌ରେ ବରକତ୍ ମଧ୍ୟ ହୁଏନାହିଁ । ସେକ୍ରେଟାରୀ ତର୍‌ବିୟତ୍ ଓ ସେକ୍ରେଟାରୀ ମାଲ୍ ଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରାନ୍ତୁ । ଏବଂ ସଦରମାନେ ମଧ୍ୟ ନିଜେ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଚାନ୍ଦା କୌଣସି ଟାକ୍‌ସ ନୁହେଁ । ଏହା ଜରୁରୀ ନୁହେଁ ଯେ ନେବା ହିଁ ନେବା । କିନ୍ତୁ ନିଜର ରୋଜଗାର୍‌କୁ ଲୁଚାନ୍ତୁ ନାହିଁ ନଚେତ୍ ଏଥିରେ ବରକତ୍ ଶେଷ ହୋଇଯିବ । ଯଦି ଦେବନାହିଁ ତ ଜଣାଇଦିଅନ୍ତୁ ଯେ ଆମେ ଦେଇପାରିବୁ ନାହିଁ ବା ଏହାଠାରୁ ଅଧିକ ଦେଇପାରିବୁ ନାହିଁ ଯେତିକି ଆମେ ଦେଉଛୁ । ଭଲ ହେବ ଯେ ଲିଖିତ ଅନୁମତି ନେଇଯାଆନ୍ତୁ । ମୋ ପାଖକୁ ବହୁତ ଚିଠି ଆସୁଛି । ଜର୍ମାନୀରୁ ମଧ୍ୟ ଆସୁଛି ଯେ ଆମେ ଏତେ ଚାନ୍ଦା ଦେଇପାରିବୁ ନାହିଁ । ଆମ ଚାନ୍ଦାକୁ ମାଫ୍ କରିଦିଆଯାଉ ବା ଏହାର ସରହା (ମାପ) କମ୍ କରି ଦିଆଯାଉ ।

### ସେକ୍ରେଟାରୀ ତାଲିମ୍

ନିଜ ବିଭାଗର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ହଜୁର୍ ଅନ୍ୱୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶ ମୁତାବକ ଆସନ୍ତା ୫ ରୁ ୧୦ ବର୍ଷର ଷ୍ଟୁଡେଂଟ୍‌ମାନଙ୍କୁ ଗାଇଡ୍ କରିବାର ଯୋଜନା ପ୍ରସ୍ତୁତ କରାଯାଉଛି । ସେଥିପାଇଁ ଯୋଜନା ପ୍ରସ୍ତୁତ ହୋଇଗଲାଣି ଏବଂ ଅମୀର ସାହେବ୍‌ଙ୍କ ନିକଟକୁ ପଠାଯାଇଥିଲା । ଯେଉଁଥିରେ ଅମୀର୍ ସାହେବ୍ କିଛି ମଶୁରା ଦେଇଛନ୍ତି । ତା ମୁତାବକ ଆମେ ପ୍ଲାନିଂ କରୁଅଛୁ । ହଜୁର୍ ଅନ୍ୱୱର୍ ଅ:ବ:ଅ କହିଲେ ଅଧିକାଂଶ ପୁଅମାନେ ମୋ ସହିତ ଦେଖାକରି କହୁଛନ୍ତି ଯେ ଆମେ ଦଶମ ଶ୍ରେଣୀ ପାଠ ପଢ଼ି ଛାଡ଼ିଦେଇଛୁ ଏବଂ କାମ କରୁଛୁ ବା ଟ୍ୟାକ୍‌ସି ଚଲାଉଛୁ ବା ବାପାଙ୍କ ସହିତ ମିଶି କାମ କରୁଅଛୁ କିନ୍ତୁ ଝିଅମାନେ ପାଠ ପଢୁଛନ୍ତି । ପୁଣି ରିସ୍ତାନାତା ବାଲା କହୁଛନ୍ତି ଯେ ରିସ୍ତା ମ୍ୟାଚ୍ ହେଉନାହିଁ କାରଣ ପୁଅମାନଙ୍କୁ ପାଠ ପଢ଼ିବା ପ୍ରତି ଧ୍ୟାନ କମ୍ ଅଛି ଏବଂ ଝିଅମାନେ ପଢୁଛନ୍ତି । ଯେତେବେଳେ ଝିଅମାନେ ପଢ଼ିନେଉଛନ୍ତି ସେମାନେ ଦୀନ୍ କୁ ଦୁନିଆ ଉପରେ ଅଗ୍ରାଧିକାର ଦେଇ ଅହେମଦୀମାନଙ୍କ ଭିତରେ ରିସ୍ତା କରିବା ଉଚିତ୍ । କିନ୍ତୁ ସେମାନେ ନିଜର ଡିମାଂଡ୍‌କୁ ମାତ୍ରାଧିକ ବଢ଼ାଇ ଦେଉଛନ୍ତି । ଯଦିଚ ଛୋଟ ମୋଟ ଦୁର୍ବଳତାକୁ ଗ୍ରହଣ କରି ରିସ୍ତା କରାଯାଇପାରିବ । ହଜୁର୍ ଅନ୍ୱୱର୍ ଅ:ବ:ଅ କହିଲେ ସେଥିପାଇଁ ଖୁଦାମୁଲ୍ ଅହେମଦୀୟାଙ୍କୁ ମଧ୍ୟ ଏ ବାବଦରେ ଯୋଜନା କରିବା ଉଚିତ୍ ଏବଂ ଶିକ୍ଷା ପ୍ରତି ଅଧିକ ଧ୍ୟାନ ଆକର୍ଷଣ କରାନ୍ତୁ ଫଳରେ ରିଶ୍‌ତାନାତାର ସମସ୍ୟାଗୁଡ଼ିକ ସମାଧାନ ହୋଇଯିବ । ହଜୁର୍ ଅନ୍ୱୱର୍ ଆପଣଙ୍କ ପାଖରେ ସମସ୍ତ ଡାଟା ରହିବା ଉଚିତ୍ ଯେ କେତେ ଷ୍ଟୁଡେଂଟ୍ ଅଛନ୍ତି ଏବଂ ସେମାନେ କଣ କରୁଛନ୍ତି । ୟୁନିଭରସିଟିର ଷ୍ଟୁଡେଂଟ୍‌ସ ମାନଙ୍କର ଡାଟା ଥାଏ କାରଣ ଷ୍ଟୁଡେଂଟ୍ ଆସୋସିଏଶନ୍‌ର ସାହାଯ୍ୟ ମିଳିଥାଏ । କିନ୍ତୁ ତଳ ଶ୍ରେଣୀର ଷ୍ଟୁଡେଂଟ୍‌ମାନଙ୍କର ଡାଟା ନଥାଏ । ତେଣୁ ତଳମାନଙ୍କୁ ମଧ୍ୟ ଆପଣମାନେ ସମ୍ଭାଳିବା ଉଚିତ୍ । ସେକ୍ରେଟାରୀ ତାଲିମ୍‌ଙ୍କର କେବଳ ଏତିକି କାମ ନୁହେଁ ଯେ ଯେ ୟୁନିଭରସିଟିର ଷ୍ଟୁଡେଂଟ୍‌ମାନଙ୍କୁ ସମ୍ଭାଳିବେ ବରଂ ସେକ୍ରେଟାରୀ ତାଲିମ୍‌ଙ୍କ କାର୍ଯ୍ୟ ହେଉଛି Primary ଠାରୁ ନେଇ Arbiture ପର୍ଯ୍ୟନ୍ତ ଏବଂ ପୁଣି Arbiture ଠାରୁ ନେଇ University ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ସମ୍ଭାଳିବା । ପିଲାଦିନୁ ପାଠ ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ଏବଂ ସେମାନଙ୍କୁ encourage କରାନ୍ତୁ । ଯେଉଁ ମା' ବାପା ମାନେ ପାଠ ପଢ଼ି ନାହାଁନ୍ତି ତାଙ୍କ ପିଲାମାନଙ୍କ ଧ୍ୟାନ ଆକର୍ଷଣ କରାନ୍ତୁ । ସମ୍ପର୍କୀୟ ସେକ୍ରେଟାରୀ ତାଲିମ୍, ସଦର୍ ସାହେବାନ୍ ଏବଂ ଆମ୍‌ଲାର ସଦସ୍ୟମାନେ ମଧ୍ୟ ଏଥିପ୍ରତି ଯଦି ଧ୍ୟାନ ଦେବେ ତେବେ ଆସନ୍ତା ପିଢ଼ୀ ଠିକ୍ ହୋଇଯିବ । କେବଳ ନିଜ ପରିସ୍ଥିତି ଉପରେ ଚିନ୍ତା କରନ୍ତୁ ନାହିଁ ବରଂ ଆସନ୍ତା ପିଢ଼ୀଙ୍କ ପାଇଁ ଚିନ୍ତା କରନ୍ତୁ । ହଜୁର୍ ଅନ୍ୱୱର୍ ଅ:ବ:ଅ କହିଲେ ମୁଁ ପ୍ରଥମରୁ ମଧ୍ୟ ବତାଇସାରିଛି ଯେ ଗଲ୍‌ଗତ୍ ସକ୍‌ରଦୁର୍ ଇତ୍ୟାଦି ମାନଙ୍କରେ ଆଗାଖାନି ଝିଅମାନେ ବହୁତ ଅଧିକ ପାଠ ପଢ଼ିଛନ୍ତି । କିନ୍ତୁ ସେମାନେ କମ୍ ପଢ଼ା ଲେଖା ପୁଅମାନଙ୍କ ସହିତ ବିବାହ ହେବା ପାଇଁ ରାଜି ହେଉନାହାଁନ୍ତି । ଏଥିପାଇଁ କି ଆମର ନସଲ୍ ଖରାପ ନ ହୋଇଯାଉ । ଆମ ଝିଅମାନଙ୍କୁ ମଧ୍ୟ କୁର୍‌ବାନୀ ଦେବା ଉଚିତ୍ ଏବଂ ପୁଅମାନଙ୍କୁ ମଧ୍ୟ ପ୍ରଥମରୁ ଅଧିକା ପଢ଼ିବା ଉଚିତ୍ । ପ୍ରଥମ କଥା ହେଉଛି ଏଠାରେ ପଢ଼ିବା ପାଇଁ ଅବସର ଅଛି । ସେଥିରୁ ଲାଭ ଉଠାନ୍ତୁ । ଖୁଦାମୁଲ୍ ଅହେମଦୀୟା ଓ ତର୍‌ବିୟତ୍ ବିଭାଗକୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ଯେ ପୁଅମାନଙ୍କ ଭିତରେ ଯେଉଁ ଆୱାରାପନ୍ (ବେକାରୀ ହୋଇ ବୁଲିବାର) ଅଭ୍ୟାସ୍ ପଡ଼ିଯାଇଛି ସେଥିରୁ ତାଙ୍କୁ ମୁକ୍ତ କରିବା ପାଇଁ ଚେଷ୍ଟା କରନ୍ତୁ । ପୁଅମାନେ ଝିଅଙ୍କ ବିରୁଦ୍ଧରେ ଏବଂ ଝିଅମାନେ ପୁଅଙ୍କ ବିରୁଦ୍ଧରେ ଅଭିଯୋଗ କରୁଛନ୍ତି । ଫଳତଃ ଧିରେ ଧିରେ ଏ ସମସ୍ୟା ବଢ଼ି ଚାଲିଛି । ଯଦି ଆପଣମାନେ ସେମାନଙ୍କୁ ସମ୍ଭାଳିବା ପାଇଁ କୌଣସି ପ୍ରୋଗ୍ରାମ୍ ପ୍ରସ୍ତୁତ ନ କରିବେ ତେବେ ଏହି ସମସ୍ୟାଗୁଡ଼ିକ ବଢ଼ିଚାଲିବ ।

### ସେକ୍ରେଟାରୀ ୱକ୍‌ଫେ ଯଦିଦ୍

ହଜୁର୍ ଅନ୍ୱୱର୍‌ଙ୍କ ପଚାରିବା ପରେ ସେକ୍ରେଟାରୀ ୱକ୍‌ଫେ ଯଦିଦ୍ କହିଲେ ଯେ ୱକ୍‌ଫେ ଯଦିଦ୍ ରେ ସାମିଲ୍ କରାଯାଇଥିବା ସଂଖ୍ୟା ହେଉଛି ୨୮୬୮୦ । ଏଥିରେ ହଜୁର୍ ଅନ୍ୱୱର୍ ଅ:ବ:ଅ କହିଲେ ଏହି ସଂଖ୍ୟା ବଢ଼ିବା ଉଚିତ୍ । ବିଶେଷ ରୂପେ ନୌ ମୋବାଇନ୍ (ନୂଆ ବୟତ କରି ସାମିଲ୍ ହୋଇଥିବା ଲୋକେ) ଙ୍କୁ ଏଥିରେ ସାମିଲ୍ କରାନ୍ତୁ । କ୍ରମଶଃ...

**(ବ ହୱାଲା ଅଖ୍‌ବାର୍ ବଦର୍ ୨୯/ଜୁନ୍ ୦୬/ଜୁଲାଇ ୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 05 OCT 2017 Issue No. 40

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.300/- (Per Issue:Rs.6/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## ବାକି ରିପୋର୍ଟ
## ୨୩ ଏପ୍ରିଲ୍ ୨୦୧୭
## ୱାକିଫାତେ ନୌ ପିଲାମାନଙ୍କ ସହିତ ହଜୁର୍ ଅନୁଓ୍ୱରଙ୍କର କ୍ଲାସ୍

ଜଣେ ୱାକିଫାଏ ନୌ ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ପ୍ରଶ୍ନ କଲେ ଯେ ତୃତୀୟ ବିଶ୍ୱଯୁଦ୍ଧ ପରେ ସବୁକିଛି ତ ଶେଷ ହୋଇଯିବ । ତେବେ ଏହାପରେ ଯମାତ୍‌ର ଜଣେ ଅନ୍ୟଜଣଙ୍କ ସହିତ କିପରି ସମ୍ପର୍କ ରଖିପାରିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କୁ ଏହା କିଏ କହିଲା ଯେ ସବୁକିଛି ଶେଷ ହୋଇଯିବ ବୋଲି । ତୃତୀୟ ବିଶ୍ୱଯୁଦ୍ଧ ତ ହେବ କିନ୍ତୁ ଦୁନିଆର ବହୁତ ଅଂଶ ବଂଚିଯିବ । ସବୁକିଛି ଶେଷ ହେବନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

*ଆଗ୍ ହୈ ପର୍ ଆଗ୍ ସେ*
*ୱହ୍ ସବ୍ ବଚାଏଁ ଯାଏଁଙ୍ଗେ*
*ଯୋ କେ ରଖ୍‌ତେ ହୈ*
*ଖୁଦାଏଁ ଜୁଲ୍ ଅଜାଏବ୍ ସେ ପ୍ୟାର*

(ଅର୍ଥାତ୍- ନିଆଁ ଅଛି । କିନ୍ତୁ ସେ ସମସ୍ତେ ନିଆଁରୁ ବଂଚିଯିବେ ଯିଏ ଖୁଦାତାଲାଙ୍କ ସହିତ ପ୍ରେମ କରୁଥିବେ) ତେବେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ କର, ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ରଖ । ତେବେ ସେହି ନିଆଁରୁ ଯାହା ବିଶ୍ୱଯୁଦ୍ଧର ନିଆଁ ଅଟେ ତୁମକୁ ବଂଚାଇ ଦିଆଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯୁଦ୍ଧ ପରେ ଯେଉଁ ଲୋକମାନେ ବଂଚିଯିବେ ସେମାନଙ୍କୁ ଅତିକମ୍‌ରେ ଏହା ଜଣାଥିବ ଯେ ସେମାନଙ୍କୁ ପ୍ରଥମରୁ ହିଁ ଜଣାଇ ଦିଆଯାଇଥିଲା ଯେ ଯୁଦ୍ଧ ହେବ । ସେଥିପାଇଁ ଏହାପରେ ବହୁତ ଲୋକ ଇସ୍‌ଲାମ୍‌ରେ ମଧ୍ୟ ଦାଖଲ ହେବେ । ଇନ୍‌ଶାଆଲା । ବାକି ସମ୍ପର୍କ ସାଟେଲାଇଟ୍ ଫୋନ୍ ଜରିଆରେ ହୋଇଯିବ । ପ୍ରତ୍ୟେକ ଯମାତ୍‌ରେ ଗୋଟିଏ ଗୋଟିଏ ସାଟେଲାଇଟ୍ ଫୋନ୍ ରଖିଲେ ଠିକ୍ ହେବ ।

ଜଣେ ୱାକିଫେ ନୌ ପ୍ରଶ୍ନ ପଚାରିଲେ ଯେ ପୁଅମାନଙ୍କର ମେହେନ୍ଦି ପ୍ରଥା ଅନୁଷ୍ଠିତ ହେଉନାହିଁ । କିନ୍ତୁ ମେହେନ୍ଦି ପ୍ରଥାର ରାତିରେ ତାଙ୍କ ଭାଇ ବା ଭଉଣୀମାନେ ଗୀତ ଗାଇବା ଇତ୍ୟାଦି କରିପାରିବେ ବା ନାହିଁ ? ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ମୋତେ ବତାଓ ଯେ ଶରୀୟତ୍‌ରେ କେଉଁଠି ଲେଖାହୋଇଛି କି ମେହେନ୍ଦି କରିବା ଜରୁରୀ ବୋଲି ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖିଛନ୍ତି ଏବଂ ଶରୀୟତ୍ ଅନୁସାରେ ମଧ୍ୟ କେବଳ ଗୋଟିଏ ଫଙ୍କସନ୍ ଅଛି । ତାହା ହେଉଛି ୱଲିମାର ଫଙ୍କସନ୍ । ଏହା ଜରୁରୀ ଅଟେ । ଏହି ଅବସରରେ ଯଦି ଝିଅମାନେ ସଜବାଜ ହୋଇ କିଛି ଗୀତ ଇତ୍ୟାଦି ଗାଇବାକୁ ଚାହାଁନ୍ତି ତେବେ କରିପାରିବେ । ଏହିପରି ଯଦି ନିକଟ ସମ୍ପର୍କୀୟମାନେ କିଛି କରିନିଅନ୍ତି ଏଥିରେ କୌଣସି ଆପତି ନାହିଁ । କିନ୍ତୁ ଏହା କୌଣସି ଜରୁରୀ ଜିନିଷ ମଧ୍ୟ ନୁହେଁ ଯେ ନିଶ୍ଚିତ ରୂପେ କରାଯିବ । ସେହିପରି ଏହା ଉପରେ ଏତେ କଟକଣା କରିବା ମଧ୍ୟ ଆବଶ୍ୟକ ନାହିଁ । ଯଦି ଘରେ ବସି ଭାଇ ଭଉଣୀ, ଭାଉଜ, ମା' ବାପା ଓ କିଛି ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବ ଯେପରି ମାମୁଁ, ପିଉସୀ ଇତ୍ୟାଦି ଏକତ୍ରିତ ହୁଅନ୍ତି ଏବଂ ମଜ୍ଜା କରନ୍ତି ଏବଂ ଉତ୍ସବ ପାଳନ କରନ୍ତି ତେବେ କୌଣସି ଆପତି ନାହିଁ ।

ଜଣେ ୱାକ୍‌ଫେ ନୌ ପଚାରିଲେ ଯେ ଆମ ହଲ୍‌କାର ଜଣେ ଲଜ୍‌ନା ବତାଇଲେ ଯେ ସେ ଜଣେ ଡାକ୍ତରଙ୍କ ପାଖକୁ ଯାଇଥିଲେ । ଡାକ୍ତର ଆଗକୁ ହାତ ବଢ଼ାଇଦେଲେ । ଫଳତଃ ସେ ମଧ୍ୟ ଡାକ୍ତରଙ୍କ ସହିତ ହାତମିଳାଇ ଦେଇଥିଲେ । ଏଥିରେ ମୁଁ ତାଙ୍କୁ କହିଲି ଯେ ହାତ ମିଳାଇବା ତ ମନାଅଛି । ଏହାର ଉତରରେ ସେହି ଆଂଟି ଜଣକ କହିଲେ ଯେ ନା ତ ତାଙ୍କ ମନରେ କୌଣସି ଖରାପ ଭାବନା ଥିଲା ଏବଂ ନା ମୋ ମନରେ କିଛି ଖରାପ ଭାବନା ଥିଲା । ସେଥିପାଇଁ ହାତ ମିଳାଇବା ଦ୍ୱାରା କିଛି ହୁଏନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅଁ:ବ:ଅ କହିଲେ ସେ ଭୁଲ୍ କହୁଛନ୍ତି । ଏହା କେଉଁଠି ଲେଖା ହୋଇଛି ଯେ ଯଦି ମନରେ କୌଣସି ଖରାପ ଧାରଣା ନାହିଁ ତେବେ ଏପରି କରିପାରିବ ବୋଲି ? ମୁଁ ପ୍ରଥମେ ମଧ୍ୟ ବତାଇଥିଲି ଯେ ଇସ୍‌ଲାମ୍‌ର ଯେଉଁ ନିର୍ଦ୍ଦେଶ ଗୁଡିକ ଅଛି ତାହା ପ୍ରତ୍ୟେକ ସମ୍ଭାବ୍ୟ ଜିନିଷକୁ କଭର୍ କରୁଅଛି । ଶହେରୁ ଅଶି-ନବେ ପ୍ରତିଶତ ଯେଉଁ ପୁରୁଷ ଏବଂ ସ୍ତ୍ରୀ ହାତ ମିଳାଉଛନ୍ତି ତାଙ୍କ ମନରେ କୌଣସି ଖରାପ ଭାବନା ନଥାଏ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅଲ୍ଲାଃତାଲା ହାତ ମିଳାଇବାକୁ ମନା କରିଛନ୍ତି । ନୈଜୁବିଲ୍ଲା କଣ ଆଁ ହଜରତ୍‌ଙ୍କ ହୃଦୟରେ ମହିଳାମାନଙ୍କ ପ୍ରତି ଖରାପ ଧାରଣା ଥିଲା ? ବା ମହିଳା ମାନଙ୍କ ହୃଦୟରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନିମନ୍ତେ କୌଣସି ଖରାପ ଧାରଣା ଥିଲା ? ଏପରି ଘଟଣା ମିଳିଛି ଯେ ମହିଳାମାନେ ବୟତ କରିବା ପାଇଁ ହାତ ବଢ଼ାଇଲେ ଯେ ଆମର ବୟତ ନେଇ ନିଅନ୍ତୁ କିନ୍ତୁ ଆପଣ ସ:ଆ:ସ କହିଲେ ଯେ ଆମେ ମହିଳାମାନଙ୍କ ସହିତ ହାତ ମିଳାଇ ବୟତ ନେଉନାହୁଁ । ଆଁ ହଜ୍‌ରତ୍ ସ:ଆ:ସ ଙ୍କର ଏହିପରି ବହୁତ ଘଟଣା ହଦିସ୍‌ରୁ ପ୍ରମାଣିତ ଅଛି । ବୟତ ଯାହା ଏକ ପବିତ୍ର କାର୍ଯ୍ୟ ପଦ୍ଧତି ଅଟେ ଏବଂ ପୁଣି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମକାମ୍‌ଙ୍କୁ ଦେଖନ୍ତୁ । ଏହା ସତ୍ତ୍ୱେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଆମକୁ କହିଲେ ଯେ ମୁଁ ମହିଳାମାନଙ୍କ ସହିତ ହାତ ମିଳାଏ ନାହିଁ । ଏହାପରେ ଆଉ କଣ ବାକି ରହିଲା ? ଏହା ସବୁ ବାହାନା ଅଟେ । ଲୋକମାନେ ଏହି ସମାଜରେ ଆସି ଭୟ କରୁଛନ୍ତି । ନିଜର ଶିକ୍ଷାକୁ ବତାଇବ ପରିବର୍ତ୍ତେ ଓ ନିଜର ଇମାନ୍‌କୁ ସୁଦୃଢ଼ କରିବା ପରିବର୍ତ୍ତେ ସେମାନଙ୍କ ମାହୋଲ୍‌ରେ ଢ଼ଳିଯିବା ଭୀରୁତା ଅଟେ । ତେଣୁ ଯେଉଁ ମହିଳାଜଣକ ଏପରି କରିଛନ୍ତି ସେ ଅତ୍ୟନ୍ତ ଭୀରୁ ମହିଳା ଥିଲେ ।

ସେହି ୱାକ୍‌ଫେ ନୌ ଜଣକ ପଚାରିଲେ ଯେ ମୋ ଦ୍ୱିତୀୟ ପ୍ରଶ୍ନ ହେଉଛି ପର୍ଦ୍ଦା ବିଷୟରେ । କିଛି ମହିଳାମାନଙ୍କୁ ଯେତେବେଳେ କୁହାଯାଉଛି ଯେ ପର୍ଦ୍ଦା କରନ୍ତୁ ତେବେ ସେମାନେ କହୁଛନ୍ତି ଯେ ଏଠି କେହି ଅହେମଦୀ ନାହାଁନ୍ତି ସେଥିପାଇଁ ପର୍ଦ୍ଦାର ଆବଶ୍ୟକ ନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପର୍ଦ୍ଦା କଣ କେବଳ ଅହେମଦୀଙ୍କ ଠାରୁ କରାଯାଏ ? ତାଙ୍କୁ କହିଦିଅ ଯେ କେଉଁଠି ଲେଖା ହୋଇନାହିଁ କି କେବଳ ଅହେମଦୀଙ୍କ ଠାରୁ ହିଁ ପର୍ଦ୍ଦା କର ବରଂ ଯେତେବେଳେ ପର୍ଦ୍ଦାର ନିର୍ଦ୍ଦେଶ ଆସିଲା ତାହା ପୂର୍ବରୁ ଜଣେ ୟହୁଦୀ ଜଣେ ମହିଳା ମୁସଲମାନଙ୍କ ସହିତ ବହୁତ ଖରାପ ବ୍ୟବହାର କରିଥିଲା ଏବଂ ତାଙ୍କ ଚାଦର ଇତ୍ୟାଦିକୁ ଭିଡ଼ିବା ପାଇଁ ଚେଷ୍ଟା କରିଥିଲା । ଏହିପରି ଅଲ୍ଲାଃତାଲା ମଧ୍ୟ ପର୍ଦ୍ଦାର ନିର୍ଦ୍ଦେଶ ଦେବାର ଥିଲା । କିନ୍ତୁ ଏହା ମଧ୍ୟ ଗୋଟିଏ କାରଣ ହୋଇଗଲା । ସୁତରାଂ ଏହା କେଉଁଠାରେ ଲେଖାଯାଇନାହିଁ ଯେ ତୁମେ କେବଳ ଅହେମଦୀଙ୍କଠାରୁ ପର୍ଦ୍ଦା କରିବ । ବିପଦ କଣ କେବଳ ଅହେମଦୀଙ୍କଠାରେ ଅଛି ? ଗଏର୍ ଅହେମଦୀ ମାନଙ୍କଠାରୁ କଣ କୌଣସି ବିପଦ ନାହିଁ ? ପବିତ୍ର କୋରାନ୍‌ରେ କେଉଁଠି ଲେଖାଯାଇନାହିଁ ଯେ ତୁମେ କେବଳ ମୁସଲମାନ୍ ଠାରୁ ହିଁ ପର୍ଦ୍ଦା କରିବ ? ପବିତ୍ର କୋରାନ୍‌ରେ ଲେଖାହୋଇଛି ଯେ ନିଜ ଚାଦରକୁ ନିଜ ମୁଣ୍ଡ ଉପରେ ପକାଇଦିଅ ଓ ନିଜର ଓଢ଼ଣୀ ଦ୍ୱାରା ନିଜର ଛାତିକୁ ଘୋଡାଇଦିଅ । ସେଥିଯୋଗୁ ଯଦି ସେ ମହିଳା ଜଣକ ଏପରି କହୁଛନ୍ତି ତେବେ ଭୁଲ୍ କହୁଛନ୍ତି । ସେ ନିଜର ନୂଆ ଶରୀୟତ୍‌କୁ ପ୍ରସାରଣ କରିଚାଲିଛି । ଆପଣମାନେ ୱାକିଫାତେ ନୌ ଏଥିପାଇଁ ଅଛ ଯେ ଏପରି ମହିଳାମାନଙ୍କୁ କୁହନ୍ତୁ କି ନିଜର ବିଦାଅତ୍ (ପ୍ରଥା) ସୃଷ୍ଟି କରନ୍ତୁ ନାହିଁ । ଏବଂ ନିଜ ନିଜର ଶରୀୟତ୍ ପ୍ରସାର ନ କରନ୍ତୁ । ଆପଣମାନେ ଏପରି ଲୋକଙ୍କର ଇସ୍‌ଲାହ କରିବେ । ବର୍ତମାନ ମୋ ସମ୍ମୁଖରେ ଯେଉଁ ୨୩୦ ଜଣ ୱାକ୍‌ଫାତେ ନୌ ବସିଛନ୍ତି ଯଦି ଏହି ସମସ୍ତେ ଇସଲାହ ପାଇଁ ଛିଡ଼ା ହୋଇଯିବେ ତେବେ ଆପେ ଆପେ ଲୋକମାନଙ୍କର ବୁଦ୍ଧି ଠିକ୍ ହୋଇଯିବ ।

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ.......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan